ଧରିତ୍ରୀ
DHARITRI
October 05-11, 2025 ₹2/-

ଧରିତ୍ରୀ
DHARITRI
51
Years

# ଛୁଟିଦିନ



# ପକ୍ଷୀ ସୁରକ୍ଷା

ଦିନକୁ ଦିନ କିଛି ଅତି ପରିଚିତ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି। ଆଉ କିଛି ପକ୍ଷୀ ବିଲୁପ୍ତପ୍ରାୟ। ସେମାନଙ୍କ ସୁରକ୍ଷାର ଚିନ୍ତା ଏବେ ଘାରିଛି ଉଭୟ ପକ୍ଷୀପ୍ରେମୀ ଓ ପରିବେଶବିତ୍‌ମାନଙ୍କୁ...

୩
ପ୍ରଚ୍ଛଦ ପ୍ରସଙ୍ଗ

# ବାମ୍ବୋ ପ୍ଲାଣ୍ଟ କେଉଁ ଦିଗରେ ରଖିଲେ ଶୁଭ

ବାମ୍ବୋ ପ୍ଲାଣ୍ଟର ରହିଛି ଅନେକ ବାସ୍ତୁ ମହତ୍ତ୍ୱ। ମାନ୍ୟତା ଅଛି ଯେ, ଯଦି ଏହି ଗଛକୁ ସଠିକ୍ ଦିଗରେ ରଖାଯାଏ, ତା'ହେଲେ ଘରର ଉନ୍ନତି ହେବା ସଙ୍ଗେ ସଙ୍ଗେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ...



✼ **ଦକ୍ଷିଣ-ପୂର୍ବ ଦିଗ:** ଧନ, ସମୃଦ୍ଧି ସହ ଜଡ଼ିତ ଏହି ଦିଗରେ ବାମ୍ବୋ ପ୍ଲାଣ୍ଟ ରଖିଲେ, ଆର୍ଥିକ ସ୍ଥିତିରେ ସୁଧାର ଆସିଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ଏହି ଦିଗରେ ବାମ୍ବୋ ପ୍ଲାଣ୍ଟକୁ ସବୁଜ, ହଳଦିଆ ଅଥବା ସୁନେଲି ରଙ୍ଗର କୁଣ୍ଡରେ ନାଲି ରିବନ ବାନ୍ଧି ରଖିବା ଶୁଭ ହୋଇଥାଏ।

✼ **ପୂର୍ବ ଦିଗ:** ଏହି ଦିଗ ସକାରାତ୍ମକ ଉର୍ଜ୍ଜାକୁ ଆକର୍ଷିତ କରିଥାଏ। ତେଣୁ ଏହି ଦିଗରେ ବାମ୍ବୋ ପ୍ଲାଣ୍ଟ ରଖିଲେ ମାନସିକ ଶାନ୍ତି ମିଳିବା ସହ ସକାରାତ୍ମକ ବିଚାରରେ ସୁଧାର ଆସିଥାଏ ବୋଲି ବିଶ୍ୱାସ କରାଯାଏ।

✼ **ଉତ୍ତର-ପୂର୍ବ ଦିଗ:** ସ୍ୱାସ୍ଥ୍ୟ ଓ ମାନସିକ ସନ୍ତୁଳନ ସହ ଏହି ଦିଗର ସମ୍ବନ୍ଧ ରହିଥିବା ବିଶ୍ୱାସ କରାଯାଏ। କାଚ ବାଉଲ୍ ଭିତରେ କିଛି ଧଳା ପଥର ଓ ବାମ୍ବୋ ପ୍ଲାଣ୍ଟକୁ ରଖି ଏହି ଦିଗରେ ଥୋଇଲେ ଘରେ ସକାରାତ୍ମକ ଉର୍ଜ୍ଜାର ସଞ୍ଚାର ହେବା ସହ ଘର ସଦସ୍ୟଙ୍କର ଶାରିରୀକ ଓ ମାନସିକ ବିକାଶ ହୋଇଥାଏ ବୋଲି ମାନ୍ୟତା ରହିଛି।

✼ **ଉତ୍ତର ଦିଗ:** ଏହି ଦିଗକୁ କ୍ୟାରିୟରରେ ଉନ୍ନତି ଦିଗ ବୋଲି କୁହାଯାଇଥାଏ। ଏହି ଦିଗରେ ବାମ୍ବୋ ପ୍ଲାଣ୍ଟ ରଖିରେ ସୁଖସମୃଦ୍ଧି ବୃଦ୍ଧି ହେବା ସହ କ୍ୟାରିୟରରେ ସଫଳତା ମିଳେ। ବିଶେଷକରି ଅଫିସ୍‌ର ଉତ୍ତର ଦିଗରେ ବାମ୍ବୋ ପ୍ଲାଣ୍ଟ ରଖିବା ଶୁଭ ହୋଇଥାଏ।

✼ ଘରର ଲିଭିଂ ରୁମ୍ ହେଉ କି ଡ୍ରଇଂ ରୁମ୍‌ରେ ବି ବାମ୍ବୋ ପ୍ଲାଣ୍ଟକୁ ରଖାଯାଇପାରେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୫-୧୧, ୨୦୨୫

**ମେଷ** – ଅସୁସ୍ଥ ମାନସିକତା, ଆତ୍ମୀୟଙ୍କ ସାହାଯ୍ୟ, ବନ୍ଧୁଙ୍କ ସହାନୁଭୂତି, ଅର୍ଥସଂକଟର ସମାଧାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ୟବସାୟିକ ସମସ୍ୟା, ଯାତ୍ରା ସ୍ଥଗିତ ରହିବ, ପଡୋଶୀଙ୍କ ପରାମର୍ଶ ॥

**ବୃଷ** – କର୍ମକ୍ଷେତ୍ରରେ ବିବାଦ, ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ମାନ, ଜମିଜମା କାରବାର, ଯାନବାହନ କ୍ରୟ, ବିଦେଶ ଯାତ୍ରାର ସୁଯୋଗ, ଆତ୍ମୀୟଙ୍କ ସହ କଳହ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ନିର୍ମାଣରେ ବିତର୍କ, ମନୋରଞ୍ଜନ କାର୍ଯ୍ୟକ୍ରମ ॥

**ମିଥୁନ** – ଶାରୀରିକ ଅସୁସ୍ଥତା, ସମସ୍ୟା ସମାଧାନ, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ଆନୁଷ୍ଠାନିକ ଆଲୋଚନା, ଋଣ ପରିଶୋଧ, ବାଣିଜ୍ୟରେ ପ୍ରତିବନ୍ଧକ, ଫ୍ଲାଟିଙ୍ଗ୍ କାରବାରରେ ଉନ୍ନତି, ଯାନବାହନରେ ଖର୍ଚ୍ଚାନ୍ତ ॥

**କର୍କଟ** – କର୍ମକ୍ଷେତ୍ରରେ ଗୌରବ, ଅର୍ଥ ସଂକଟରୁ ଅସ୍ଥିରତା, ମକଦ୍ଦମାରେ ବିଜୟ, ସାଂସ୍କୃତିକ କର୍ମାରମ୍ଭ, ସାହିତ୍ୟାନୁରାଗ, ପରିବହନରେ ବିବାଦ, ସହକର୍ମୀଙ୍କ ସାହାଯ୍ୟ ପ୍ରତିଶୃତି, କ୍ରୀଡାରେ ସଫଳତା ॥

**ସିଂହ** – ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ବ୍ୟୟବହୁଳତାର ଅନୁଚିନ୍ତା, ବନ୍ଧୁଙ୍କ ମାର୍ଗଦର୍ଶନ, ବୈବାହିକ ପ୍ରସଙ୍ଗ ଆଲୋଚନା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପିତୃବର୍ଗରେ ପୀଡା, ହୋଟେଲ ବ୍ୟବସାୟରେ ଉନ୍ନତି, ପୈତୃକ ସମ୍ପତିରେ ବିବାଦ ॥

**କନ୍ୟା** – ଭୋଗବିଳାସରେ ରୁଚି, ବୈଷୟିକ ଅଭିବୃଦ୍ଧି, ସଭାସମିତିକୁ ନିମନ୍ତ୍ରଣ, କଳାପ୍ରିୟ ହେବେ, ଆନୁଷ୍ଠାନିକ କାର୍ଯ୍ୟରେ ସହଯୋଗ, ଆଶା ସଫଳ ହେବ, ପରୋପକାର ପ୍ରବୃତ୍ତିରୁ ପ୍ରଶଂସା, ଯାନ୍ତ୍ରିକ ଜିନିଷର ମରାମତି, କୃଷି ବାଣିଜ୍ୟରେ ଉନ୍ନତି ॥

**ତୁଳା** – ନୂତନ କର୍ମାରମ୍ଭର ଯୋଜନା, ଋଣ ପରିଶୋଧରଚିନ୍ତା, ସମ୍ପର୍କୀୟଙ୍କ ଅନୁକମ୍ପା, ଖଳ ଲୋକଙ୍କ ଦୁଃସ୍ୱଭାବ, ଭାତୃସମ୍ବନ୍ଧରେ ନ୍ୟୁନତା, ଯାନବାହନରେ କ୍ଷୟକ୍ଷତି, ରପ୍ତାନୀବାଣିଜ୍ୟରେ ବାଧା, ସାହିତ୍ୟ ଚର୍ଚ୍ଚା, ନୃତ୍ୟବାଦ୍ୟରେ ସୁନାମ ॥

**ବିଛା** – ନିରାଶାର ପରିସମାପ୍ତି, ସରକାରୀ ସୁବିଧା, ଆନୁଷ୍ଠାନିକ କର୍ମାରମ୍ଭ, ସଭା ସମିତିକୁ ନିମନ୍ତ୍ରଣ, ଗବେଷଣାରେ ଅଗ୍ରଗତି, ସହକର୍ମୀଙ୍କ ବିରୋଧ, ନୀଚସଙ୍ଗରୁ ଅପବାଦ, ମାଦକ ଦ୍ରବ୍ୟରୁ ସ୍ୱାସ୍ଥ୍ୟହାନୀ ॥

**ଧନୁ** – ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟସ୍ୱଜନଙ୍କ ସୁପରାମର୍ଶ, ନିର୍ମାଣାଦି କାମରେ ଦ୍ୱନ୍ଦ୍ୱ, ପ୍ରଶାସନିକ ଆଲୋଚନା, ସାଂଗଠନିକ ସଭା, ମକଦ୍ଦମାରେ ବିଜୟ, ଅର୍ଥ ସମ୍ପର୍କରେ କଳହ, ଜମିଜମା ବିବାଦ, ପ୍ରତିବନ୍ଧକ ଦୂର ହେବ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା ॥

**ମକର** – କର୍ମକ୍ଷେତ୍ରରେ ବିବାଦ, ସମସ୍ୟା ସମାଧାନ, ବୈଷୟିକ ଉନ୍ନତି, ବନ୍ଧୁମାନଙ୍କ ସହଯୋଗ, ଗୃହପୋଯୋଗୀ ଜମିଲାଭ, ପୁରାତନ ରୋଗର ପ୍ରାଦୁର୍ଭାବ, ଯାତ୍ରାରେ ଅଜଣା ଭୟର ଆଶଙ୍କା, ରୁଦ୍ଧଦ୍ୱାର ବୈଠକ, ଶତ୍ରୁତାରୁ କାର୍ଯ୍ୟହାନୀ ॥

**କୁମ୍ଭ** – କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ସମସ୍ୟାର ସମାଧାନ, ସହକର୍ମୀଙ୍କ ପ୍ରତିଭାଜନ, ଶେୟାର ବଜାରରେ ଉନ୍ନତି, ଯାନ୍ତ୍ରିକ ଜିନିଷ କ୍ରୟ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ଗୃହସୀମା ବିବାଦ, ବୈବାହିକ ସମ୍ବନ୍ଧର ଅଗ୍ରଗତି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ॥

**ମୀନ** – କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସେବା ଓ ପରୋପକାରରୁ ପ୍ରଶଂସା, ପରିଭ୍ରମଣର ସୁଯୋଗ, ବନ୍ଧୁମାନଙ୍କ ଅନାଦର, ପରୋକ୍ଷ ଶତ୍ରୁତା, ବ୍ୟବସାୟରେ ଉନ୍ନତି, ଯାନବାହନ ଲାଭ, ଜମିଜମା କାରବାରରେ ସଫଳତା, ବନ୍ଧୁମିଳନରୁ ଆନନ୍ଦ ॥

# ଏହି ୫ଟି ଜିନିଷ ଘରେ ରଖିବା ଶୁଭ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି କିଛି ବିଶେଷ ଜିନିଷ ରହିଛି ; ଯାହାକୁ ଘରେ ରଖିଲେ ଘରେ ସକାରାତ୍ମକ ଉର୍ଜ୍ଜାର ପ୍ରଭାବ ବୃଦ୍ଧି ପାଇବା ସହ ପରିବାର ସଦସ୍ୟଙ୍କର ମଙ୍ଗଳ ହୋଇଥାଏ। ଯେମିତିକି: ✼ **ଶ୍ରୀମଦ୍ ଭଗବତ୍ ଗୀତା:** ଏହି ଧାର୍ମିକ ଗ୍ରନ୍ଥକୁ ଘରେ ରଖି ପୂଜା କରିବା ସହ ପରିବାର ଲୋକେ ନିୟମିତ ଏହାକୁ ପଢିଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ। ଯଦ୍ୱାରା ଯେ କୌଣସି ପରିସ୍ଥିତି ହେଉନା କାହିଁକି ତାହାକୁ ସାହାସର ସହ ସାମ୍ନା କରିବା ପାଇଁ ସେମାନଙ୍କ ଭିତରେ ମନୋବଳ ଆସିଥାଏ। ✼ **କଉଡ଼ି:** ଶାସ୍ତ୍ରାନୁଯାୟୀ, କଉଡ଼ିର ସମ୍ବନ୍ଧ ମାତା ଲକ୍ଷ୍ମୀଙ୍କ ସହିତ ରହିଥିବା ବିଶ୍ୱାସ କରାଯାଏ। ମାତ୍ର ୫ଟି କଉଡ଼ିକୁ ଆଣି ତାହାକୁ ହଳଦୀ ପାଣିରେ ଧୋଇ ମାତା ଲକ୍ଷ୍ମୀଙ୍କ ପାଖରେ ରଖିଲେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ। ✼ **ଖଣ୍ଡ ହଳଦୀ:** ହଳଦୀର ସମ୍ବନ୍ଧ ଭଗବାନ ବିଷ୍ଣୁଙ୍କ ସହ ରହିଥିବା ବିଶ୍ୱାସ କରାଯାଏ। ଆଉ ଯେଉଁଠାରେ ଭଗବାନ ବିଷ୍ଣୁ ଥାନ୍ତି, ସେଠାରେ ମାତା ଲକ୍ଷ୍ମୀ ରହିବା ବି ସ୍ୱାଭାବିକ କଥା। ତେଣୁ କିଛି ଖଣ୍ଡ ହଳଦୀ ଆଣି ତାହାକୁ ନାଲି କପଡ଼ାରେ ବାନ୍ଧି ଟ୍ରେଜେରୀ ହେଉ କି ଆଲମାରୀରେ ରଖିଦେଲେ ପ୍ରଭୁ କୃପା ମିଳେ ବୋଲି ମାନ୍ୟତା ରହିଛି। ✼ **ଗୋଲାପ ଫୁଲ:** ମାତା ଲକ୍ଷ୍ମୀଙ୍କର କେବଳ ପଦ୍ମ ଫୁଲ ନୁହେଁ ଗୋଲାପ ଫୁଲ ବି ଖୁବ୍ ପ୍ରିୟ। ତେଣୁ ଘରେ ଗୋଲାପ ଗଛ ରଖିବା ଶୁଭ ହୋଇଥାଏ। କିନ୍ତୁ ଏହାକୁ ବେଡ୍‌ରୁମ୍‌ରେ ନରଖି ଘରର ବାଲକୋନି ହେଉ କି ଛାତ ଅବା ଅଗଣାରେ ବି ରଖିପାରିବେ। ✼ **ରୂପା କଏନ୍:** ଗୋଟିଏ ହେଉନା କାହିଁକି ଘରେ ରୂପା କଏନ୍‌ଟିଏ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହାକୁ ନାଲି କପଡ଼ାରେ ବାନ୍ଧି ଟ୍ରେଜେରୀ ଅବା ଆଲମାରୀରେ ରଖିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ।



## ପାଠକୀୟ

✼ ଏମାନେ ଭାଇଚାରାରେ ବିଶ୍ୱାସ କରନ୍ତି। ଏମାନଙ୍କ ପାଇଁ ସବୁଠୁ ବଡ଼ ହେଉଛି ପରସ୍ପର ପ୍ରତି ଭଲ ପାଇବା ସହ ପରସ୍ପରକୁ ସମ୍ମାନ ଦେବା। ସେଥିପାଇଁ ମୁସଲମାନ ହେଲେ ବି ମା'ଙ୍କ ପୂଜାରେ ଏମାନେ ବିଶେଷ ଭୂମିକା ନିର୍ବାହ କରିଥାନ୍ତି। ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ଭାଇଚାରାରେ ପୂଜା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଭାରି ମନଛୁଆଁ ହୋଇଥିଲା।

*– ସୁକାନ୍ତ ମହାନ୍ତି, ପୁରୀ*

✼ ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଭାଇଚାରାରେ ପୂଜା' ଶୀର୍ଷକ ଆଲେଖ୍ୟଟି ମନଛୁଆଁ ହେବା ସହ ବେଶ୍ ପ୍ରେରଣାଦାୟୀ ବି ହୋଇଥିଲା। 'ପ୍ରାଣୀକୁ ଖାଦ୍ୟ ଦେବାରେ ବି ମିଳେ ସୁଫଳ', 'କେଉଁ ଜିନିଷ ରଖିବେନି ପର୍ସରେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସ୍ୱାଗତିକା ଦାସ, କେନ୍ଦ୍ରାପଡ଼ା*

✼ ସେଲିବ୍ରିଟି ସିକ୍ରେଟ୍ ପାଠରୁ ନୂଆ ପିଢ଼ିର ଗାୟକ ସୌରଭ ଭରଦ୍ୱାଜଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କୁସୁମ' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇଥିଲା। 'ଅଲରାଉଣ୍ଡର ଅନୁପମ' ଶୀର୍ଷକ ପାଠଟି ବି ଏକ ନିଆରା ଉପସ୍ଥାପନା ଥିଲା।

*– ଲିଜାରାଣୀ ପଣ୍ଡା, ଭଦ୍ରକ*

✼ ସିନେମା ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ଜ୍ୟାକଲିନ୍‌ଙ୍କ ଫଟୋଟି ଅତି ସୁନ୍ଦର ଦେଖାଯାଉଥିଲା। କବି ଅଭୟ କୁମାର ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ଭାରୀ ହୃଦୟସ୍ପର୍ଶୀ ଥିଲା। 'ଖଲିଲ ଜିବ୍ରାନଙ୍କ ପାଇଁ ଆକାଶ ପାଲଟି ଯାଇଥିଲେ ମେରୀ ହସ୍କେଲ' ଶୀର୍ଷକ ପାଠଟି ମଧ ବେଶ୍ ମର୍ମସ୍ପର୍ଶୀ ଥିଲା।

*– ରାଜଶ୍ରୀ ପରିଡ଼ା, ସମ୍ବଲପୁର*

✼ 'ବଳରାମପୁର ଗଡ଼'ଶୀର୍ଷକ ପାଠଟିରୁ ବହୁ ଐତିହାସିକ ତଥ୍ୟ ଜାଣିହେଲା। ହାଃ ହାଃ ବି ଖୁବ୍ ମଜାଦାର୍ ଲାଗୁଥିଲା। ମହାରାଷ୍ଟ୍ରର ମିନି କଶ୍ମୀର ତପୋଲା ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠା ପଢି ଜାଣିହେଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ପଦ୍ମ କାହିଁକି ଜାତୀୟ ପୁଷ୍ପ' ଏକ ଶିକ୍ଷଣୀୟ ବିଷୟ ଥିଲା।

*– କୁନିରାଣୀ ତ୍ରିପାଠୀ, ଯାଜପୁର*

✼ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଆମ ସାହିତ୍ୟର ହାଲ ଚାଲ' ଶୀର୍ଷକ ପାଠଟି ଏକ ନିଆରା ଉପସ୍ଥାପନା ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଅନ୍ଧକାରର ଅନୁଭବ ଦିଏ ଏହି ରେଷ୍ଟୁରାଣ୍ଟ', 'ବତକ ଫ୍ୟାଶନ ଶୋ', 'ଚାରିକୋଣିଆ ଗଛ' ଆଦି ପାଠଗୁଡ଼ିକ ବି ବେଶ୍ ଅଜବ ଥିଲା ପଢିବାକୁ।

*– ପୁଷ୍ପଲତା ସୁବୁଦ୍ଧି, ମାଲକାନଗିରି*

### ବିଶେଷ ଚିଠି




ଭାଇଚାରାରେ ପୂଜା
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଦେଉଥିଲା ନୂଆ ନୂଆ ତଥ୍ୟ
ଭରି ନୂଆ ନୂଆ ଭାବ।
ତା'ସାଙ୍ଗକୁ ନିଆରା ଲାଗୁଥିଲା
ତୁମ ସହରଠୁ ଦୂର,
ମନ କିଣି ନେଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ନୂତନ।

*– ନିହାରିକା ସ୍ୱାଇଁ, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପକ୍ଷୀ ସୁରକ୍ଷା



**ପୃ**ଥିବୀ ପୃଷ୍ଠରେ ବାସ କରୁଥିବା ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ମଧ୍ୟରେ ଅନେକ ଲୋପପାଇ ଗଲେଣି । ପୁଣି ବିଲୁପ୍ତ ଅପେକ୍ଷାରେ ଅଛନ୍ତି ଆଉ କେତେ ପ୍ରଜାତିର ପ୍ରାଣୀ । ସେଥିମଧ୍ୟରେ ଅଛନ୍ତି ଅନେକ ବିରଳ ପ୍ରଜାତିର ପକ୍ଷୀ । ଆଉ କିଛି ପକ୍ଷୀ ଅଛନ୍ତି ଯେଉଁମାନଙ୍କର ସଂଖ୍ୟା କ୍ରମଶଃ କମିବାରେ ଲାଗିଛି । ଯାହାର ଚିନ୍ତା ଏବେ ଘାରିଛି ଉଭୟ ପକ୍ଷୀପ୍ରେମୀ ଓ ପରିବେଶବିତ୍‌ମାନଙ୍କୁ ।

**ଶିକାରୀ ଏବେ ସୁରକ୍ଷାକାରୀ–** ଦିନେ କି ଦୁଇଦିନ ନୁହେଁ ବର୍ଷର ପ୍ରାୟ ସବୁ ସମୟରେ ଏମାନେ ପକ୍ଷୀ ଶିକାର କରୁଥିଲେ । ହେଲେ ପରିସ୍ଥିତି କ୍ରମେ ଏହି ଶିକାରୀମାନେ ଶିକାର ବଦଳରେ ପକ୍ଷୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି । ସେମାନଙ୍କ ଭିତରୁ ଜଣେ ହେଲେ **ନନ୍ଦକିଶୋର ଭୁଜବଳ** । ସେ କୁହନ୍ତି, '୧୯୭୦ରେ ବେଲପାହାଡ଼ର ଏକ ରିଫ୍ରାକ୍ଟୋରି ଲିମିଟେଡ୍‌ରେ ଚାକିରି କରିଥିଲି । ୧୯୯୧ରେ ସେଠାରୁ ଚାକିରି ଛାଡ଼ି ଗାଁକୁ ଫେରିଥିଲି । ସେ ସମୟରେ ଘରୁ ଲୁଚିକି ଯାଇ ନିକଟସ୍ଥ ଜଙ୍ଗଲରେ ଜୀବଜନ୍ତୁଙ୍କୁ ଶିକାର କରିବା ଏକ ସୌଖୀନ ଅଭ୍ୟାସ ଥିଲା । ୧୯୬୮ର କଥା, ଥରେ ଗାଁ ନିକଟ ଗହୀରବିଲ ଆକାଶରେ ଗୋଟିଏ ବଗକୁ ଗୁଳିକରି ମାରିଦେଇଥିଲି । ଗୁଳିବିଦ୍ଧ ବଗଟି ଆକାଶରୁ ଭୂମିରେ ଖସି ପଡ଼ିଥିଲା, ମାତ୍ର ସେହି ବଗଟି ତା'ର ଚଞ୍ଚୁରେ କାଠିକୁଟା ଧରିଥିଲା । ଏହା ମତେ ଖୁବ୍ ମର୍ମାହତ କରିଥିଲା । ତା'ପରେ ଚିନ୍ତାକଲି ବିଭିନ୍ନ ଜୀବଜନ୍ତୁ ଓ ପକ୍ଷୀଙ୍କୁ କିପରି ସୁରକ୍ଷା କରିହେବ । ଏହି କଥା ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା । ସେ ସମୟରେ ଚିଲିକାରେ ବହୁଳ ମାତ୍ରାରେ ପକ୍ଷୀ ଶିକାର ହେଉଥିଲା । ପକ୍ଷୀ ଓ ବିଭିନ୍ନ ଜୀବଜନ୍ତୁ ସୁରକ୍ଷା ନିମନ୍ତେ ଟାଙ୍ଗୀ ଓ ରଣପୁର ଅଞ୍ଚଳର କେତେକ ଗାଁରେ ଜଙ୍ଗଲ କମିଟି ଗଠନ କରିଥିଲି । ପ୍ରଥମେ ମା' ପଶ୍ଚିମାଶୁଣୀ ଜଙ୍ଗଲ ସୁରକ୍ଷା କମିଟି, ତା'ପରେ –୧୯୯୬ରୁ ଚିଲିକା ପକ୍ଷୀ ସୁରକ୍ଷା ନିମନ୍ତେ ସୋରଣ ମୁସଲିମ ସାହି ଏବଂ ମଙ୍ଗଳାଯୋଡ଼ି ଗାଁରେ ପକ୍ଷୀ ସୁରକ୍ଷା ସମିତି ଗଠନ କରାଯାଇଥିଲା । ମାତ୍ର ଚିଲିକା ଉପକୂଳବର୍ତ୍ତୀ କେତେକ ଗାଁରେ ବହୁଳ ପକ୍ଷୀ ଶିକାର ଯୋଗୁ ଶିକାରୀମାନେ ପ୍ରଥମେ ପ୍ରଥମେ ଆମକୁ ବିରୋଧ କରିଥିଲେ । ବିଭିନ୍ନ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ବାରମ୍ବାର ଜନସଚେତନତା କରିବା ପରେ ୧୯୭୨ ଜଙ୍ଗଲ ବନ୍ୟପ୍ରାଣୀ ସୁରକ୍ଷା ଆଇନ ସମ୍ପର୍କରେ ସ୍ଥାନୀୟ ଗାଁର ବୁଦ୍ଧିଜୀବୀ ଓ ପରିବେଶବିତ୍ ଏହାର ସମାଧାନ ଚିନ୍ତା କଲେ । କେତେଜଣ ଶିକାରୀ ସ୍ୱତଃପ୍ରବୃତ୍ତଭାବେ ପକ୍ଷୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲେ । ହାତ ଗଣତି କେତେଜଣ ଶିକାରୀଙ୍କୁ କାଳିଜାଈଙ୍କ ପୀଠରେ ପକ୍ଷୀ ଶିକାରରୁ ନିବୃତ୍ତ ରହିବା ପାଇଁ ଶପଥ କରାଇବାରେ ସଫଳ ହୋଇଥିଲି । ପ୍ରଥମେ ୧୨ଜଣ ଶିକାରୀ ଏବଂ ମଙ୍ଗଳା ଯୋଡ଼ି ଗ୍ରାମର କେତେଜଣ ଯୁବକଙ୍କୁ ନେଇ ସୁରକ୍ଷାକମିଟି ଗଠନ କରାଯାଇଥିଲା । ଚିଲିକା ଅଞ୍ଚଳର ଏକ ଗ୍ରାମ ବିବାଦକୁ ନେଇ ଜଣେ ଶିକାରୀଙ୍କୁ କେତେଜଣ ମାରିଥିଲେ । ମୁଁ ସେମାନଙ୍କ ମଧ୍ୟରେ ସମାଧାନ ପାଇଁ ପଦକ୍ଷେପ ନେଇଥିଲି । ସମୟକ୍ରମେ ପରସ୍ପରଙ୍କ ମଧ୍ୟରେ ଉତ୍ତମ ବୁଝାମଣା ହୋଇଥିଲା । ଏବେ ସେମାନେ ପକ୍ଷୀ ସୁରକ୍ଷାକାରୀ ଭାବେ କାର୍ଯ୍ୟ କରୁଛନ୍ତି । କିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ରାଉତରା ପ୍ରମୁଖ ପରିବର୍ତ୍ତନ ହୋଇ ସମସ୍ତେ ଏବେ ଚିଲିକା ପକ୍ଷୀ ସୁରକ୍ଷାରେ ସାମିଲ ହୋଇଛନ୍ତି । ମହାବୀର ପକ୍ଷୀ ସୁରକ୍ଷା ସମିତିର ମଙ୍ଗଳାଯୋଡ଼ି ଗାଁରେ ପ୍ରାୟ ୪୮ଜଣ ସଦସ୍ୟ ମହାବୀର ପକ୍ଷୀ ସୁରକ୍ଷା କମିଟିରେ ରହିଛନ୍ତି । ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଛି । ଆର୍‌ବିଏସ୍ ତରଫରୁ ଗ୍ରୀନ୍ ଯୋଦ୍ଧା ପୁରସ୍କାର, ହଲ୍ ଅଫ ଫେମ୍ ୱାଇଲ୍‌ଡ ଲାଇଫ କଞ୍ଜରଭେଶନ, ଆର୍‌ଟୁଲ ଗ୍ରୀନ ଯୋଦ୍ଧା ୱେଷ୍ଟବେଙ୍ଗଲ,ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ୱାଇଲ୍‌ଡ ଲାଇଫ କଞ୍ଜରଭେଶନ ପୁରସ୍କାର ମିଳିଛି । ଗାଁଲୋକମାନେ ସଚେତନ ହେବା ଯୋଗୁ ପକ୍ଷୀ ଶିକାର କମିଯାଇଛି । ଚିଲିକା ୱାଇଲ୍ଡ ଲାଇଫ ଡିଭିଜନ ତରଫରୁ ପକ୍ଷୀସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି । ସିଡିଏ ତରଫରୁ ବିଭିନ୍ନ ଜନସଚେତନତା କରାଯାଇଥାଏ । ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କେବଳ ବନ କର୍ମଚାରୀଙ୍କ ପଦକ୍ଷେପ ଯଥେଷ୍ଟ ନୁହେଁ ବରଂ ଗ୍ରାମବାସୀଙ୍କ ସହଯୋଗ ଏବଂ ସାହାଯ୍ୟ ଜରୁରୀ ।

**ସୁରକ୍ଷା ଦାୟିତ୍ୱରେ ଯୁବକ ସଂଘ:** ଗଞ୍ଜାମ ଜିଲାର ବ୍ରହ୍ମପୁର ଉପକଣ୍ଠସ୍ଥ କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ଦକ୍ଷିଣପୁର ଗ୍ରାମପଞ୍ଚାୟତର ଗୁଣ୍ଠବନ୍ଧ ଗ୍ରାମର କେତେଜଣ ଯୁବକ ୨୦୧୧ରୁ ଆଞ୍ଚଳିକ ବିକାଶ ପରିଷଦ ନାମରେ ଏକ ସଂଗଠନ ଗଠନ କରିଥିଲୁ । ଘରଚଟିଆ ପରି କ୍ଷୁଦ୍ର ପକ୍ଷୀଟି କିପରି ପୁଣି ଆମ ଘରକୁ ଫେରିପାରିବ ତା' ଉପରେ ଚିନ୍ତା କରି ଘର ଚଟିଆର ସୁରକ୍ଷା ଉପରେ କାର୍ଯ୍ୟକରିବା ପାଇଁ ଯୁବ ଗୋଷ୍ଠୀ ନିଷ୍ପତ୍ତି ନେଇ ଘରଚଟିଆ ସୁରକ୍ଷା ନିମନ୍ତେ ଜନ ସଚେତନତା ଚାଲୁ ରଖିଛୁ । ଏହି ସଂଗଠନର ସଦସ୍ୟମାନେ ନିକଟସ୍ଥ ବାଘଝରି, ବିରିବାଟିଆ, ଆଦି ଗ୍ରାମରେ ପ୍ରଥମେ ଘର ଚଟିଆର ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ କରିଥିଲେ । ଏହି ସୁରକ୍ଷା ଅଭିଯାନରେ ସାମିଲ ହୋଇଥିବା ସାଗର ପାତ୍ର କୁହନ୍ତି, 'ଆମ ଗାଁରେ ସେତେବେଳେ ୫/୬ଟି ଘରଚଟିଆକୁ ଦେଖିବାର ନଜିର ଥିଲା । ପରେ ଗାଁରେ ଘରଚଟିଆ ଉପକାର ସମ୍ପର୍କରେ ଜନସଚେତନତା କରିଥିଲୁ । ପ୍ଲାକାର୍ଡ଼ରେ, ମାଟିହାଣ୍ଡି, ଶୁଖିଲା ଲାଉ ଖୋଳ ଓ ଷଢ଼େଇ ଆଦିରେ ସେମାନଙ୍କ ଲାଗି କୃତ୍ରିମ ଘର ତିଆରି କରି ମାଗଣାରେ କେତେଜଣ ଗ୍ରାମବାସୀଙ୍କ ଘରଚାଳ ଓ ଛାତରେ ବାନ୍ଧିଥିଲୁ । ଧୀରେ ଧୀରେ ଘରଚଟିଆମାନେ ଏଥିରେ ବସାବାନ୍ଧି ରହିଲେ । ସେମାନଙ୍କ ବଂଶବୃଦ୍ଧି ବଢିଥିଲା । ଏପରି କାର୍ଯ୍ୟ ଦେଖି ଅନ୍ୟ ପାଖ ଗାଁର ଲୋକମାନେ ଏଥିପ୍ରତି ଆକୃଷ୍ଟ ହୋଇ ଘରଚଟିଆ ସୁରକ୍ଷା ଅଭିଯାନରେ ସାମିଲ ହୋଇଥିଲେ ।' ସମ୍ପାଦକ ବିଜେନ୍ଦ୍ର ମାଝୀ କୁହନ୍ତି, 'ଏମାନଙ୍କ ସୁରକ୍ଷା ଲାଗି ଗଞ୍ଜାମ ଜିଲାର ଏକାଧିକ ବ୍ଲକରେ କାର୍ଯ୍ୟକ୍ରମ ଚାଲୁ ରହିଛି । ପର୍ଯ୍ୟାୟ କ୍ରମେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗଞ୍ଜାମ ଜିଲାର ବାଇଶ ଗୋଟି ବ୍ଲକର ପଞ୍ଚତିରିଶ ଗୋଟି ଗ୍ରାମରେ ସୁରକ୍ଷା କାର୍ଯ୍ୟକ୍ରମ ସଫଳତାର ସହିତ ଚାଲିଛି ।'

**ଘର ଚଟିଆ ଏବେ ଆମ ଘର ସଦସ୍ୟ–**ଦିନ ଥିଲା ଗାଁଦାଣ୍ଡରେ ଘରଚଟିଆ ଡେଇଁ ଡେଇଁ ଦାନା ଅଣ୍ଡାଳୁଥିବାର ହେଉ କି ଗ୍ରୀଷ୍ମଋତୁରେ ଧୂଳି ବାଲିରେ ଖେଳୁଥିବାର ଦୃଶ୍ୟ ଏବେ ବିରଳ । ତେବେ ଏହି ସୁକୁମାର ପକ୍ଷୀଙ୍କ ସୁରକ୍ଷା ଲାଗି ଅଣ୍ଟାଭିଡ଼ିଛନ୍ତି ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର । ସେ ହେଲେ **ଆଦିତ୍ୟ ଦାଶ** । ଘର ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୋଡ଼ିପଡ଼ା ଗାଁରେ । ସେ କୁହନ୍ତି, 'ଥରେ ଚାଳଛପର ଉପରେ କେତୋଟି ଘରଚଟିଆ କିଚିରି ମିଚିରି ହେଉଥିବାର ମୋର ନଜର ପଡ଼ିଥିଲା । ତାଙ୍କଚ ଦେଖି ଭାରି ଖୁସି ଲାଗିଲା । କାରଣ ଏମାନେ ପ୍ରାୟ ଆଉ ଦେଖିବାକୁ ମିଳୁ ନାହାନ୍ତି । ତେଣୁ ତାଙ୍କ ସୁରକ୍ଷା କଥା ମନକୁ ଆସିଲା । ପ୍ରଥମେ ଏମାନଙ୍କ ପାଇଁ କେତୋଟି ଛୋଟଛୋଟ ମାଠିଆ ଓ କାର୍ଟୁନକୁ ସଂଗ୍ରହ କରିଥିଲି । ତା' ପରେ ନାଗମୁଣ୍ଡଳୀ ଗ୍ରାମରେ

→



ଗଞ୍ଜାମ ଜିଲାରେ ଘରଚଟିଆ ସୁରକ୍ଷା ଅଭିଯାନ



ନୟାଗଡ଼ରେ ଘରଚଟିଆ ସୁରକ୍ଷା ଅଭିଯାନ




ଏହି ମାଠିଆ ଏବଂ କାର୍ଟୁନଗୁଡ଼ିକୁ ଲଗାଇଥିଲି। କିଛିଦିନ ପରେ ଦେଖିଲି,ଏଥିରେ ଘରଚଟିଆ ବସା ବାନ୍ଧି ରହୁଛନ୍ତି। ମୋତେ ବହୁତ ଖୁସି ଲାଗିଲା। ପରୀକ୍ଷାମୂଳକ ଭାବେ କେତେଜଣଙ୍କ ଘରେ ପ୍ଲାଏଉଡରେ ଘରଚଟିଆ ବସା ତିଆରିକରି ବାନ୍ଧିଥିଲୁ। ଏଥିରେ ଘରଚଟିଆ ବସାକରି ରହିବା ଅଭ୍ୟାସ କରିଥିଲେ। ମୁଁ ଓ ମୋ ଧର୍ମପତ୍ନୀ ସଂଘମିତ୍ରା ବିଭିନ୍ନ ଗାଁକୁ ଯାଇ ଘରଚଟିଆ ଉପକାରିତା ଓ ତା'ର ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲୁ। ୨୦୧୭ରୁ ଏହି ଘରଚଟିଆ ସୁରକ୍ଷା ଅଭିଯାନ ଚାଲୁରଖିଛୁ। ବିଭିନ୍ନ ଗାଁରେ ଜନ ସଚେତନତା ଚାଲିଛି। ପିଲାମାନଙ୍କୁ ବି ଏଥିରେ ସାମିଲ କରାଯାଇଛି। ଘରଚଟିଆଙ୍କ ପାଇଁ ନିଜ ପକେଟ୍ ମନିରେ ପ୍ଲାଏଉଡ୍‌ରେ ପ୍ରାୟ ଶତାଧିକ ବାକ୍ସ ତିଆରି କରି ନିକଟସ୍ଥ କୁଟୁଣୀ, ତଲାରିବନ୍ଧ, ଗୋଡ଼ିପଡ଼ା, ମୁକ୍ତାପୁର, ଢେଙ୍କେଣୀ ଆଦି ଗାଁରେ ଲଗାଇ ଘରଚଟିଆ ସୁରକ୍ଷା ଅଭିଯାନକୁ ଚାଲୁରଖିଛୁ। ଏଯାଏ ଓଡ଼ଗାଁ ବ୍ଲକ ଓ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ପ୍ରାୟ ଶହେଟି ପ୍ଲାଏଉଡ୍‌ର ତିଆରି ଘରଚଟିଆ ଘରେ ଏହି ପକ୍ଷୀମାନେ ଅଣ୍ଡାଦେଇ ଛୁଆଫୁଟାଇ ବଂଶ ବିସ୍ତାର କରିସାରିଲେଣି। ସଂଘମିତ୍ରା କୁହନ୍ତି, ଘରଚଟିଆଙ୍କୁ ଦେଖିଲେ ଖୁସି ଲାଗେ। ସେମାନେ ଆମ ପରିବାର ସଦସ୍ୟଙ୍କ ପରି ମୋର ମନେହୁଏ। ଘରଚଟିଆ ସୁରକ୍ଷା ନିମନ୍ତେ କାର୍ଯ୍ୟ କରୁଥିବାରୁ ସବୁଜ ଶ୍ରୀ ସମ୍ମାନ, ପ୍ରକୃତିବନ୍ଧୁ, ଅବିଲୋକ ପରିବେଶ ସମ୍ମାନ, ନେଚର ଫର ଏଭର ସୋସାଇଟି ଆଦି ଅନେକ ସଂସ୍ଥାରୁ ପୁରସ୍କୃତ ହୋଇଛୁ।

**ବାୟା ଚଢ଼େଇ ପାଇଁ ଲଗାଯାଉଛି ତାଳଗଛ–** ବାୟାଚଢ଼େଇକୁ ନେଇ ବହୁ ଢଗଢମାଳି ଲୋକକଥା ରହିଛି–ଯେମିତି ଉଚ୍ଚ ତାଳ ଗଛ ଆକାଶ ଛୁଏଁ। ବାୟାର ବସା ଦୋହଲୁ ଥାଏ ! ବାୟା ଚଢ଼େଇର କି ଯାଏ, ବାଆ କଲେ ବସା ଦୋହଲୁଥାଏ। ତେବେ ବାୟା ଚଢ଼େଇଙ୍କ ସଂଖ୍ୟା ଦିନକୁ ଦିନ କମୁଥିବାରୁ ସେମାନଙ୍କ ସୁରକ୍ଷା ନିମନ୍ତେ ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କରିବା ସହ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଉଚ୍ଚ ତାଳ ଗଛରେ ବାୟା ଚଢ଼େଇ ବସା କରିଥାଏ। ଯେତେ ଝଡ଼ବର୍ଷା ହେଲେ ବି ତା' ବସା ଛିଡ଼େନାହିଁ। ବାୟାଚଢ଼େଇକୁ ଅନେକେ କୁହନ୍ତି, ଶ୍ରେଷ୍ଠ ଇଂଜିନିୟର। ବାୟାଚଢ଼େଇ ସୁରକ୍ଷା ନିମନ୍ତେ କାର୍ଯ୍ୟ କରୁଥିବା ପୀତାମ୍ବର ରାଉତ କୁହନ୍ତି–ସ୍ଥପତି ପକ୍ଷୀ ବାୟାଚଢ଼େଇ ଆଜି ବିଲୁପ୍ତର ଦ୍ୱାର ଦେଶରେ। ବାୟାଚଢ଼େଇ ସୁରକ୍ଷା ଅଭିଯାନ ୧।୧।୨୦୧୬ ଠାରୁ ଆରମ୍ଭ କରିଛୁ। ବାୟାଚଢ଼େଇ ଉଦ୍ଧାର ଓ ସୁରକ୍ଷା କରିବା ପାଇଁ ଏକ ମହତ୍ ପ୍ରୟାସ ପ୍ରଥମେ ନିଆଳୀରୁ ଆରମ୍ଭ କରିଥିଲୁ। ପ୍ରଥମେ ଏକ ସଂଗଠନ ଗଢିଥିଲୁ। ଯେଉଁଥିରେ ଏବେ ଅନେକ ସଦସ୍ୟ ଅଛନ୍ତି। ବାୟାଚଢ଼େଇ ସୁରକ୍ଷା ପାଇଁ କ'ଣ ସବୁ ପଦକ୍ଷେପ ନେଇହେବ ସେ ସମ୍ପର୍କରେ ଆଲୋଚନା କରିଥାଉ। ସାରା ରାଜ୍ୟରେ ଆମର ସଦସ୍ୟ ଅଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ଆମ ସଂଗଠନ ତାଳଗଛକୁ ପୂଜା କରି ସଚେତନତାର ବାର୍ତ୍ତା ଦେଇଥିଲୁ ଯେ, ତାଳ ବୃକ୍ଷ ଆଦୌ କାଟନ୍ତୁ ନାହିଁ ଏବଂ ପ୍ରତ୍ୟେକ ବ୍ୟକ୍ତି ତାଳବୃକ୍ଷ ରୋପଣ କରନ୍ତୁ। ପୁରୀ, କଟକ, କେନ୍ଦ୍ରାପଡା, ଜଗତସିଂହପୁର ଜିଲାରେ ଆମ ସଂଗଠନ ତରଫରୁ ତାଳଗଛ ଲଗାଇଛୁ। ଏତଦ୍‌ବ୍ୟତୀତ ଆମେ ବିଭିନ୍ନ ସ୍ଥାନରେ ସଭାସମିତି କରି ବାୟାଚଢ଼େଇର ବଂଶ ରକ୍ଷାପାଇଁ ଲୋକମାନଙ୍କୁ ସଚେତନ କରାଇଥାଉ। ଅତୀତରେ ବିଧାନସଭାରେ ବାୟାଚଢ଼େଇକୁ ଓଡ଼ିଶା ରାଜ୍ୟ ପକ୍ଷୀର ମାନ୍ୟତା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ପରିବେଶମନ୍ତ୍ରୀଙ୍କୁ ନିବେଦନ କରିଥିଲୁ। ପ୍ରତିବର୍ଷ ବର୍ଷାଋତୁ ପୂର୍ବରୁ ବାୟାଚଢ଼େଇଙ୍କ ସୁରକ୍ଷା ଓ ତାଳବୃକ୍ଷର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଥାଉ। ବାୟାଚଢ଼େଇ କେଉଁ କେଉଁ ଗଛରେ ବସା ବାନ୍ଧନ୍ତି ଏବଂ କେଉଁ ମାସରେ ବାନ୍ଧିଥାନ୍ତି ସେ ସମ୍ପର୍କରେ ଅନୁସନ୍ଧାନ ଓ ଗବେଷଣା ଜାରି ରଖିଛୁ। ମାତ୍ର ଆଗଭଳି ତାଳ, ଖଜୁରି ବୃକ୍ଷ ଆଉ ବହୁଳ ଦେଖାଯାଉ ନ ଥିବାରୁ ବାୟାଚଢ଼େଇ ଅନ୍ୟ ଗଛରେ ମଧ୍ୟ ବସା ନିର୍ମାଣ କରୁଛନ୍ତି। ଏପରି କି ବାଧ୍ୟବାଧ୍ୟକତାରେ ପରିବେଶ ଅନୁପଯୋଗୀ ବିଦ୍ୟୁତ୍ ଖୁଣ୍ଟରେ ମଧ୍ୟ ବସା ବାନ୍ଧୁଥିବାର ନଜିର ରହିଛି।

**ମୟୂରଙ୍କ ସୁରକ୍ଷା ଜେଜେଙ୍କ ପରେ ଏବେ ନାତିଙ୍କ ଉପରେ–** ବାରଙ୍ଗ ବ୍ଲକର ନରାଜଠାରୁ ପ୍ରାୟ ୧କିମି ଦୂରରେ ରହିଛି ସିଦ୍ଧେଶ୍ୱର ଫାୟାରିଂ ରେଞ୍ଜ। ଏହାକୁ ଲାଗି ରହିଛି ବିସ୍ତୀର୍ଣ୍ଣ କାଜୁ ଜଙ୍ଗଲ ସହ ସିଦ୍ଧେଶ୍ୱର ମୁଣ୍ଡିଆ ସଂଲଗ୍ନ ଜଙ୍ଗଲ। ଯାହା ଚନ୍ଦକା–ଡମପଡ଼ା ଅଭୟାରଣ୍ୟ ସହ ସଂଯୋଗ କରୁଛି। ଏହା ହେଉଛି ମୟୂର, ମାଙ୍କଡ଼, ହରିଣଙ୍କ ସହ ତୃଣଭୋଜି ପ୍ରାଣୀଙ୍କ ବାସସ୍ଥଳ। ଦିନ ଥିଲା ନରାଜ ଗ୍ରାମର ପାଣ୍ଡୁ ବେହେରା ଏଠାରେ ମାଙ୍କଡ଼ ଓ ମୟୂରମାନଙ୍କୁ ସେହ୍ନରେ ସୁରକ୍ଷା ଦେଇ ଖୁସୀ ହେଉଥିଲେ। ଗାଁ ମୁଣ୍ଡ ସିଦ୍ଧେଶ୍ୱର ଫାୟାରିଂ ରେଞ୍ଜକୁ ଜଗାରଖା କରିବା ଦାୟିତ୍ୱ ତାଙ୍କର ଥିଲା। ପାଖରେ ଜଙ୍ଗଲ ଥିବାରୁ ମାଙ୍କଡ଼ ଓ ମୟୂରମାନେ ସେଠାକୁ ଆସୁଥିଲେ। ସେମାନଙ୍କ ପାଇଁ ପାଣ୍ଡୁଙ୍କର ସ୍ନେହ ମମତା ବଢ଼ିଯାଇଥିଲା। ପାଣ୍ଡୁ ରାଜା ବୋଲି ଡାକିଲାମାତ୍ରେ ସେମାନେ ପାଖକୁ ଦୌଡ଼ିଆସୁଥିଲେ। ମୟୂରଙ୍କୁ ସେ ପ୍ରତିଦିନ କିଛି ଖାଦ୍ୟ ଖାଇବାକୁ ଦେବା ସହିତ ସେମାନଙ୍କ ନିକଟରେ କିଛି ସମୟ କଟାଉଥିଲେ। ଏହି ଦୃଶ୍ୟକୁ ଦେଖଣାହାରୀମାନେ ଦେଖି ପାଣ୍ଡୁଙ୍କୁ ବହୁ ପ୍ରଶଂସା କରିଥାନ୍ତି। ଏଥିପାଇଁ ପାଣ୍ଡୁ ସେ ଅଞ୍ଚଳରେ ବେଶ୍ ଜଣାଶୁଣା ହୋଇଯାଇଥିଲେ। ୨୦୧୭ ମସିହାରେ ପାଣ୍ଡୁଙ୍କର ଦେହାନ୍ତ ଘଟିଲା। ସେତେବେଳେ ହାତଗଣତି କେତୋଟି ମୟୂର ରହିଥିଲେ, ମାତ୍ର ଧୀରେଧୀରେ ସେମାନଙ୍କ ସଂଖ୍ୟା ବଢ଼ିଲା। ପାଣ୍ଡୁଙ୍କ ମୃତ୍ୟୁ ପରେ ତାଙ୍କ ନାତି କାହ୍ନୁ ମୟୂରଙ୍କ ପ୍ରେମରେ ପଡ଼ିଯାଇଥିବାରୁ ସକାଳେ ଓ ସନ୍ଧ୍ୟାରେ କିଛି ସମୟ ସେ ବାହାରକରି ମୟୂରମାନଙ୍କ ଦେଖା ଶୁଣା କରୁଛନ୍ତି। ସେ କୁହନ୍ତି, ଜେଜେଙ୍କର ପ୍ରତିଶ୍ରୁତି ରକ୍ଷା କରି ମୟୂରମାନଙ୍କ ସୁରକ୍ଷାର ଦାୟିତ୍ୱ ହାତକୁ ନେଇଛି। ଦିନେ ମୟୂରଙ୍କ ଦେଖାଶୁଣା ନ କଲେ ମନ ଭଲ ଲାଗେନା। ମୟୂରଙ୍କ ସୁରକ୍ଷା ଲାଗି କାର୍ଯ୍ୟ କରୁଥିବାରୁ ମନରେ ମାନସିକ ଶାନ୍ତି ମିଳୁଛି।

**ମୟୁର ସୁରକ୍ଷାରେ ଗ୍ରାମବାସୀ–** ଗଞ୍ଜାମ ଜିଲାର ଶେରଗଡ଼ ଓ ଆସିକା ଅଞ୍ଚଳରେ ରହିଛି ପାକିଡ଼ି ପର୍ବତାଞ୍ଚଳ। ଏହି ଅଞ୍ଚଳରେ ବହୁ ସଂଖ୍ୟକ ମୟୁର ବାସ କରନ୍ତି। ବଡ଼ି ଭୋରରୁ ଦିନ ୩ଟା ଯାଏ ପାକିଡ଼ି ପାହାଡ଼ର ପାଦଦେଶରେ ମୟୁରମାନେ ଚରାବୁଲା କରୁଥିବାର ଦେଖିବାକୁ ମିଳିଥାଏ। ଏମାନଙ୍କୁ ଦେଖିବା ପାଇଁ ପ୍ରତିଦିନ ଅନେକ ବ୍ୟକ୍ତି ଏଠାକୁ ଆସିଥାନ୍ତି। ଏହି ଜାତୀୟ ପକ୍ଷୀଙ୍କ ସୁରକ୍ଷା ଲାଗି ସ୍ଥାନୀୟ ଗ୍ରାମବାସୀ ଓ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ଶୋଭାଚନ୍ଦ୍ରପୁର, ଆମ୍ବୁଆବାଡ଼ି, କେରିକେରିଖୋଲା, ସମେଇଗୁଡ଼ା, କନୋଲି, ଭାରତପଲୀ, ଖଡ଼ଭାଗ, ପାକିଡ଼ି, ଖଣ୍ଡ ଦେଉଳି, ନରେନ୍ଦ୍ରପୁର, ଧବଳପୁର ଆଦି ପ୍ରାୟ ୧୫ ଖଣ୍ଡ ଗ୍ରାମବାସୀଙ୍କ ଉଦ୍ୟମରେ ବନସୁରକ୍ଷା ସମିତି ଗଠନ କରାଯାଇ ମୟୁର ସୁରକ୍ଷା କରାଯାଇଛି। ଏହି ପାହାଡ଼ର ଚାରିପଟେ ଜାଲି ଓ ଜଙ୍ଗଲୀ ଜୀବଜନ୍ତୁଙ୍କ ପିଇବାପାଣି ପାଇଁ ପାଣିକୁଣ୍ଡର ବ୍ୟବସ୍ଥା ହୋଇଛି। ୪ଜଣ ଅସ୍ଥାୟୀ କର୍ମଚାରୀ ସ୍ୱତନ୍ତ୍ର ଭାବେ ମୟୁରମାନଙ୍କ ସୁରକ୍ଷା ପ୍ରତି ନଜର ଦେଇଥାନ୍ତି। ମୟୁର ସୁରକ୍ଷା ସମିତିର ସଭାପତି ସମର ପ୍ରଧାନ କୁହନ୍ତି ଏଠାରେ ପ୍ରାୟ ଅଢେଇ ହଜାରରୁ ଅଧିକ ସଂଖ୍ୟାରେ ମୟୁର ଚଳପ୍ରଚଳ କରୁଥିବା ବେଳେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଓ ଗ୍ରାମବାସୀ ସର୍ବଦା ନଜର ଦେଇଥାନ୍ତି। ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା ଯୋଗୁଁ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ୨୦୦୫ରେ ବିଜୁପଟ୍ଟନାୟକ ପୁରସ୍କାର, ସହିତ ଏକଲକ୍ଷଟଙ୍କା, ପ୍ରକୃତିବନ୍ଧୁ ପୁରସ୍କାର ଆଦି ଏକାଧିକ ପୁରସ୍କାର ମିଳିଛି। ମୟୁର ସୁରକ୍ଷା ପାଇଁ ଏହି ଅଞ୍ଚଳରେ ଏକ ନୂଆ ପରିଚୟ ସୃଷ୍ଟି ହୋଇଛି।

–ବନବିହାରୀ ବେହେରା


ଚିଲିକା ମଙ୍ଗଳାଯୋଡ଼ିରେ ପକ୍ଷୀ ସୁରକ୍ଷା ଅଭିଯାନ


ନିଆଳିରେ ବାଇଚଢ଼େଇ ସୁରକ୍ଷା ଅଭିଯାନ

# ଶାଢ଼ି ପାଇଁ ଫୁଟ୍‌ୱେର୍







ଶାଢ଼ିରେ ମହିଳାମାନେ ବେଶ୍ ଆକର୍ଷଣୀୟ ଲାଗିଥାନ୍ତି। ଆଉ ଏହି ସୌନ୍ଦର୍ଯ୍ୟ ସେତେବେଳେ ଦ୍ୱିଗୁଣିତ ହୋଇଯାଏ, ଯେତେବେଳେ ଶାଢ଼ି ସାଙ୍ଗକୁ ମ୍ୟାଚିଂ ଫୁଟ୍‌ୱେର୍ ପିନ୍ଧାଯାଏ। ତେବେ କେଉଁ ଶାଢ଼ି ସାଙ୍ଗକୁ କେଉଁ ଫୁଟ୍‌ୱେର୍ ପିନ୍ଧିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ, ଜାଣନ୍ତୁ ସେ ସମ୍ପର୍କରେ...

* **ଡେଲିୱେର୍ ଶାଢ଼ି:** ଡେଲିୱେର୍ ଶାଢ଼ି ଯେମିତିକି କଟନ୍ ଅବା ଲିନେନ୍ ଶାଢ଼ି ସାଙ୍ଗରେ ଫ୍ଲାଟ୍ ହେଉକି ଲୋ ହିଲ୍ ସ୍ୟାଣ୍ଡେଲ୍ ପିନ୍ଧିଲେ ଲୁକ୍ ବେଶ୍ କମ୍ଫଟେବଲ୍ ଲାଗିଥାଏ।

* **ଅଫିସ୍ ଲୁକ୍:** ଆଉ ଯଦି ଏହି ଟାଇପ୍‌ର ଶାଢ଼ିକୁ ଅଫିସ୍ ପିନ୍ଧିକି ଯାଉଥାନ୍ତି, ତା'ହେଲେ ତା'ସାଙ୍ଗକୁ ମ୍ୟାଚିଂ କରି ମିଡ଼ିୟମ୍ ହିଲ୍ ଶୁ' ପିନ୍ଧିବା ବେଷ୍ଟ ଅପ୍ସନ ହୋଇଥାଏ।

* **ଫେଷ୍ଟିଭ୍ ଲୁକ୍:** ଏହି ଲୁକ୍ ପାଇଁ ଟିକେ ସ୍ପେଶାଲ୍ ଡିଜାଇନ୍‌ର ଫୁଟ୍‌ୱେର୍ ପିନ୍ଧିବାକୁ ହୋଇଥାଏ। ବିଶେଷକରି ଏମ୍ବେଲିଷ୍ଡ ସ୍ୟାଣ୍ଡେଲ୍, ମେଟାଲିକ୍ ହିଲ୍ ଅବା କିଛି ସ୍ୱତନ୍ତ୍ର ଡିଜାଇନ୍‌ରେ ପ୍ରସ୍ତୁତ ସ୍ୟାଣ୍ଡେଲ୍ ଏହି ଅକେଜନ୍ ପାଇଁ ପରଫେକ୍ଟ ଫୁଟ୍‌ୱେର୍ ହୋଇଥାଏ। ଗର୍ଜିୟସ୍ ଶାଢ଼ି ସାଙ୍ଗକୁ ଏହି ଟାଇପ୍‌ର ଫୁଟ୍‌ୱେର୍ ପରଫେକ୍ଟ ମ୍ୟାଚ୍ କରିଥାଏ।

* **ୱେଡିଂ ଲୁକ୍:** ବ୍ରାଇଡାଲ୍ ଶାଢ଼ି ହେଉକି ଲେହେଙ୍ଗା ତା'ସାଙ୍ଗକୁ ମ୍ୟାଚିଂ କରି ଡିଜାଇନର୍ ହାଇ ହିଲ୍ ହେଉ ଅବା ୱେଡିଂ ଷ୍ଟିଲେଟୋ ପିନ୍ଧିଲେ ଲୁକ୍ ବେଶ୍ ଗର୍ଜିୟସ୍ ଲାଗିଥାଏ। ତେବେ ଧ୍ୟାନ ଦେବେ, ଏହି ଫୁଟ୍‌ୱେର୍ କିଣିଲାବେଳେ ଦେଖିବେ ଫୁଟ୍‌ୱେର୍‌ର କଲର୍ ଓ ଡିଜାଇନ୍ ଯେମିତି ୱେଡିଂ ଆଉଟ୍‌ଫିଟ୍‌କୁ ପରଫେକ୍ଟ ମ୍ୟାଚ୍ କରୁଥିବ।

* **କାଜୁଆଲ୍ ଆଉଟିଂ:** ଏହି ସମୟରେ କମ୍ଫର୍ଟ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ତେଣୁ ଆଉଟିଂରେ ଗଲାବେଳେ ଲାଇଟ୍ ୱେଟ୍ ଶାଢ଼ି ସାଙ୍ଗକୁ ୱେଜ୍ ହିଲ୍ ହେଉକି ଷ୍ଟାଇଲିଶ୍ ଫ୍ଲାଟ୍ ପିନ୍ଧିବା ବେଷ୍ଟ ଅପ୍ସନ ହୋଇଥାଏ।

## କିଛି ଜାଣିବା କଥା

– ଷ୍ଟିଲେଟୋ ହିଲ୍ ଫର୍ମାଲ୍ ଅକେଜନ୍ ଅବା ଇଭିନିଂ ପାର୍ଟି ପାଇଁ ବେଷ୍ଟ ହୋଇଥାଏ। ଏହାର ପତଳା ଓ ଶାର୍ପ ହିଲ୍ ପାଇଁ ଏହା ଝିଅ ହୁଅନ୍ତୁ କି ମହିଳାଙ୍କର ହାଇଟ୍‌କୁ ହାଇଲାଇଟ୍ କରିଥାଏ। ବିଶେଷକରି ସିଲ୍କ ଶାଢ଼ି ସାଙ୍ଗରେ ଏହାକୁ ମ୍ୟାଚିଂ କରି ପିନ୍ଧିଲେ ଗ୍ଲାମର୍ସ ଲୁକ୍ ମିଳିଥାଏ।

– ଯେ କୌଣସି ଫ୍ୟାବ୍ରିକ୍‌ର ଶାଢ଼ି ହେଉନା କାହିଁକି ସେ ଲାଇଟ୍ କଟନ୍ ହେଉ କି ହେଭି ବ୍ରୋକେଡ୍, ସବୁରି ସାଙ୍ଗରେ ବ୍ଲକ୍ ହିଲ୍ସ ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସାଙ୍ଗକୁ ଷ୍ଟାଇଲିଶ୍ ଲୁକ୍ ବି ମିଳିଥାଏ। ଏହି ଫୁଟ୍‌ୱେର୍‌କୁ ଡେ' ହେଉକି ନାଇଟ୍ ସବୁବେଳେ ପିନ୍ଧିପାରିବେ।

– ଲାଇଟ୍ ୱେଟ୍ ଏଭ୍ରିଡେ ଶାଢ଼ି ସାଙ୍ଗକୁ କିଟେନ୍ ହିଲ୍ ବି ପିନ୍ଧା ଯାଇପାରେ।

– ୱେଜ୍ ହିଲ୍ ଫେଷ୍ଟିଭ୍ ଇଭେଣ୍ଟ ପାଇଁ ପରଫେକ୍ଟ ହୋଇଥାଏ। ହାଫ୍ ପାର୍ଟନ ଶାଢ଼ି ହେଉକି ମଡର୍ଣ୍ଣ ଡ୍ରାପ୍ ଶାଢ଼ି ସାଙ୍ଗକୁ ଏହି ଟାଇପ୍‌ର ଫୁଟୱେର୍ ଖୁବ୍ ସୁନ୍ଦର ମାନିଥାଏ।

– ପାର୍ଟି ପାଇଁ ହେଭି ଶାଢ଼ି ପିନ୍ଧୁଥିଲେ, ତା'ସାଙ୍ଗକୁ ମ୍ୟାଚିଂ କରି ଡିଜାଇନର୍ ପ୍ଲାଟ୍‌ଫର୍ମ ହିଲ୍ ପିନ୍ଧାଯାଇପାରେ।












# ଲେଖା ମୋ ସ୍ୱକୀୟ ପ୍ରବୃତ୍ତିର ପରିପ୍ରକାଶ






ଏକାଧାରାରେ ସେ ଜଣେ ଶିକ୍ଷାବିତ୍, କବି, ଗାଳ୍ପିକ ଏବଂ ଶିଶୁସାହିତ୍ୟିକ । ସ୍କୁଲ ବୟସରୁ ତାଙ୍କର ଲେଖାଲେଖିର ଆରମ୍ଭ । ଏହାଭ ଭିତରେ ୩ଦଶନ୍ଧି ବିତିଗଲାଣି । ଆଉ ଏହାରି ମଧ୍ୟରେ ସେ ସୃଷ୍ଟି କରିଛନ୍ତି ଶତାଧିକ ଗଳ୍ପ ଓ କବିତା । ପ୍ରକାଶିତ ହୋଇଛି ଏକାଧିକ ପୁସ୍ତକ । ସେ ହେଲେ **ପ୍ରଦ୍ୟୁମ୍ନ ପଟ୍ଟନାୟକ** । ମାତା ଚନ୍ଦ୍ରକଳା ପଟ୍ଟନାୟକ ଓ ପିତା ଦୀନବନ୍ଧୁ ପଟ୍ଟନାୟକ । ଘର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ ବଞ୍ଚୋ ଗାଁରେ । ସେ କୁହନ୍ତି –ମୋର ଜନ୍ମ ଏକ ଗ୍ରାମୀଣ ସଂଭ୍ରାନ୍ତ ପରିବାରରେ । ଆମର ଯୌଥ ପରିବାର । ପରିବାରରେ ମୁଁ ପ୍ରଥମ ସନ୍ତାନ ହୋଇଥିବାରୁ ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ମୋ ପ୍ରତି ଅଧିକ ଥିଲା ।

ଗାଁ ସ୍କୁଲରେ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା । ପରେ ପରେ ଭଦ୍ରକ କଲେଜରୁ ଅର୍ଥନୀତିରେ ସ୍ନାତକ ଓ ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର କଲି । କିଛିଦିନ କଲେଜରେ ଅଧ୍ୟାପନା ପରେ ବ୍ୟାଙ୍କ ଚାକିରି ଏବଂ ସିଭିଲ ସର୍ଭିସରେ କୃତକାର୍ଯ୍ୟ ହୋଇ ରକ୍ଷା ମନ୍ତ୍ରାଳୟରେ ଚାକିରି କରିଥିଲି । ଦିଲ୍ଲୀରେ ରହଣି ୧୯୮୪ରୁ ୨୦୧୭ ଯାଏ ହୋଇଥିଲା । ୨୦୧୭ରେ ସେବା ନିବୃତ୍ତ ହୋଇ ଓଡ଼ିଶା ଫେରିଲି । କାହିଁକି ଲେଖିଲେ ସେ ପ୍ରଶ୍ନରେ ତାଙ୍କ ଉତ୍ତର ହେଲା– ମୁଁ କେବେ ଓ କାହିଁକି ସୃଜନ ମନସ୍କ ହେଲି ସେକଥା ହୁଏତ ଠିକ୍‌ରେ କହି ପାରିବିନାହିଁ । ଛୋଟ ବେଳେ ବୋଉଠାରୁ, ଘରଠାରୁ ଦୂରେଇ ରହିବା ସମୟରେ କିମ୍ବା ସାଙ୍ଗ ସାଥୀଙ୍କ ସହ ମନାନ୍ତର ହେବା ଭଳି ଅନୁଭୂତିକୁ ମୁଁ କବିତା ମାଧ୍ୟମରେ ବ୍ୟକ୍ତ କରୁଥିବା ମୋର ମନେଅଛି । ଅତି ଛୋଟ ବେଳୁ ମୋ ମନୋଭାବକୁ ମୁଁ ବ୍ୟକ୍ତ କରିବାକୁ କହିବା ଅପେକ୍ଷା ଲେଖିବାକୁ ଅଧିକ ପସନ୍ଦ କରୁଥିଲି । ପ୍ରବୃତ୍ତିବଶତଃ ଆଗ କବିତା ଲେଖିବା ଆରମ୍ଭ କରି ଦେଇଥିଲି । ମୋତେ ଗପ ଲେଖିବାକୁ ଭଲ ଲାଗେ । ମୁଁ କିନ୍ତୁ କବିତା ଲେଖିବା ପାଇଁ ବାଧ୍ୟ ହୁଏ । ସାହିତ୍ୟ ସୃଜନ ମଧ୍ୟରେ ଶିଶୁ ସାହିତ୍ୟ ଏକ ଅନବଦ୍ୟ ଏବଂ ଅପରିହାର୍ଯ୍ୟ ଅଙ୍ଗ । ସେ କଥା ହୃଦୟଙ୍ଗମ କରି ସେ ଦିଗରେ ଲେଖନୀ ଚାଳନା କରିବାକୁ ଆଗ୍ରହ ହେବାରୁ ସୃଷ୍ଟି ହୋଇଛି ଉଭୟ ଶିଶୁ କବିତା ଏବଂ ଶିଶୁ ଗଳ୍ପ । ସେଗୁଡ଼ିକ ପ୍ରକାଶିତ ହେବା ସହ କେତୋଟି ପୁସ୍ତକ ରୂପେ ପ୍ରକାଶି ପାଇଛି । ସୁଖ ଅପେକ୍ଷା ଦୁଃଖ ମୋତେ ଅଧିକ ବିହ୍ୱଳ କରିଥାଏ । ସମାହିତ ସରଳ ଜୀବନ ଅପେକ୍ଷା ସାମାଜିକ ସମସ୍ୟା ବହୁଳ ସ୍ଥିତି ମୋତେ ବେଶି ଆଲୋଡ଼ିତ କରିଥାଏ । ମୁଁ କବିତା ମାଧ୍ୟମରେ ମାନବିକ ଦୁଃଖକୁ ବ୍ୟକ୍ତ କରିବା ପାଇଁ ଚେଷ୍ଟା କରିବା ସହ ଗଳ୍ପ ମାଧ୍ୟମରେ ସମସ୍ୟାଗୁଡ଼ିକର ସମାଧାନର ବିକଳ୍ପ ଖୋଜି ଥାଏ । ସୁଖ ଅପେକ୍ଷା ଦୁଃଖରେ କବିତା ଅଧିକ ପରିପୁଷ୍ଟ ହୁଏ । ଦିନ ଅପେକ୍ଷା ରାତ୍ରିରେ, ଚେତନ ଅପେକ୍ଷା ଅର୍ଦ୍ଧ ଚେତନ ଅବସ୍ଥାରେ କବିତାର ପଙ୍କ୍ତି ଓ ଶବ୍ଦଗୁଡ଼ିକ ସହଜରେ ଧରାଦିଅନ୍ତି । ଭାବି ଚିନ୍ତି ନୁହଁ, ସ୍ୱତଃସ୍ଫୂର୍ତ୍ତ ଭାବେ ମନକୁ ଆସୁଥିବା କବିତା ଅଧିକ ମନୋଜ୍ଞ ହୋଇଥାଏ ଏବଂ ଘଟଣା ବହୁଳ ଦୁନିଆରେ ଜୀବନ ଜୀବିକାକୁ ନେଇ ଅନେକ ଘଟଣା ଘଟିଥାଏ । ଦେଖା ଶୁଣା ଅଙ୍ଗେ ନିଭାଇଥିବା ଘଟଣାଗୁଡ଼ିକୁ ନେଇ କାହାଣୀ ଲେଖିବାର ପ୍ରେରଣା ମିଳିଯାଏ । ଯେମିତି ସୁନ୍ଦର ପଥର ଖଣ୍ଡିଏ ଦେଖିଲେ ଗୋଟିଏ ମୂର୍ତ୍ତି ଗଢ଼ିବାକୁ ଶିଳ୍ପୀର ମନ ଚଞ୍ଚଳ ହୁଏ, ନରମ ମାଟି ଗଦା ଦେଖି କୁମ୍ଭାର ହାଣ୍ଡି ମାଠିଆ ଗଢ଼ିବାକୁ ତତ୍ପର ହୁଏ, ରଙ୍ଗ ତୂଳୀ ଦେଖି ଚିତ୍ରକର ଛବି ଆଙ୍କିବାକୁ ଇଚ୍ଛା ପ୍ରକାଶ କରେ ; ସେମିତି କିଛି ସ୍ଥିତି, ପରିସ୍ଥିତି କିମ୍ବା ଘଟଣା ସାମ୍ନାକୁ ଆସିଲେ ତାକୁ ନେଇ କାହାଣୀ ରଚନା କରିବାର ଉଦ୍‌ବେଗ ଦେଖାଦିଏ । ମୋ ଭିତରେ ଥିବା ସୃଜନ ପ୍ରବୃତ୍ତି ମୋତେ ଲେଖିବା ପାଇଁ ପ୍ରେରଣା ଯୋଗାଇ ଥାଏ । ସୃଜନ ଏକ ପ୍ରବୃତ୍ତି । ସୃଜକର ସୃଷ୍ଟି ଯେବେ ପ୍ରକାଶିତ ହୋଇ ଲୋକଲୋଚନକୁ ଆସେ ତେବେ ମିଳିଥାଏ ସ୍ୱୀକୃତି । ସ୍ୱରଚିତ ଲେଖାଟିଏ ଯେବେ ପ୍ରଥମ କରି ଧଳା କଳା ଅକ୍ଷରରେ ପ୍ରକାଶ ପାଏ ସେଥିରେ ଥାଏ ଅବର୍ଣ୍ଣନୀୟ ଆନନ୍ଦ । ଜଣେ ଲେଖକର ଲେଖା ପ୍ରକାଶିତ ହୋଇ ପାଠକ ସମ୍ମୁଖକୁ ଆସିଲେ ମିଳିଥାଏ ପ୍ରକୃତ ଆତ୍ମସନ୍ତୋଷ । ସୃଜନର ସାର୍ଥକତା ପିଲାବେଳେ ଗୀତି କବିତା, ଗୀତିନାଟ୍ୟ ଆଦି ରଚନା କରିବା ସହ କଲେଜ ପତ୍ରିକାରେ କବିତା ଏବଂ ଗଳ୍ପ ପ୍ରକାଶିତ ହେଲା । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିଶେଷ ଭାବେ ପ୍ରବେଶ କରିବା ଆଗରୁ ମୋର ତା' ସହ ସମ୍ପର୍କ ଛିନ୍ନ ହୋଇଯାଇଥିଲା ଦୀର୍ଘ ତିରିଶ ବର୍ଷରୁ ଉର୍ଦ୍ଧ୍ୱ ଯାଏ, ଯେବେ ମୋତେ ଚାକିରି ପାଇଁ ଦିଲ୍ଲୀ ଯିବାକୁ ପଡ଼ିଲା । ସେଠାରେ ମୋତେ ବିସ୍ଥାପିତ ହେବାର ବିମର୍ଷ ସହ ସରକାରୀ ଦାୟିତ୍ୱ ଗୃହ ଜଞ୍ଜାଳ ବ୍ୟସ୍ତ କରୁଥିଲା । ସେଥିପାଇଁ ମୁଁ ସିନା ଓଡ଼ିଆ ସାହିତ୍ୟ ସମାଜରେ ଜଣେ ହୋଇପାରି ନ ଥିଲି ମୋ ଭିତରେ ଥିବା ସାହିତ୍ୟ ମରି ନ ଥିଲା । ମୁଁ ଅଫିସ ନେଇ ଯାଉଥିବା ସୁଟକେସ୍‌ରେ ଏକ ଡାଇରି ରଖି ଥାଏ । ସେଥିରେ ଲେଖା ହୋଇ ରହୁଥିଲା । ମୋତେ ସମୟ ସମୟରେ ଉଦ୍‌ବେଳିତ କରୁଥିଲା ଗଳ୍ପ, କବିତା ଓ ଉପନ୍ୟାସ । ଅବସର ପରେ ଓଡ଼ିଶା ଫେରିଆସି ପରିଚିତ ହେଲି ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ ଜଗତ ସହିତ । ତା' ମଧ୍ୟକୁ ପ୍ରବେଶ କରିବାର ସଂଭ୍ରମତା ଏବଂ ପ୍ରତ୍ୟାଖ୍ୟାନର ସଂଶୟକୁ ନେଇ ମୋ ଲେଖାଗୁଡ଼ିକୁ ପଠାଇବା ଆରମ୍ଭ କଲି ପ୍ରତିଷ୍ଠିତ କେତୋଟି ପତ୍ର ପତ୍ରିକାକୁ । ଧୀରେ ଧୀରେ ଲେଖାଗୁଡ଼ିକ ବିଭିନ୍ନ ପତ୍ର ପତ୍ରିକା ଏବଂ ସମ୍ବାଦପତ୍ରରେ ପ୍ରକାଶ ପାଇଲା । ମୋର ଆତ୍ମ ବିଶ୍ୱାସକୁ ସୁଦୃଢ଼ କଲା । ମୋର ପ୍ରକାଶିତ ଗଳ୍ପ ସଂକଳନ ଭିତରେ 'ବିଫଳ ପ୍ରତିଷ୍ଠା', 'କିଛିସତ କିଛିଗପ' ଏବଂ ତା'ପରେ, ବନଫୁଲର 'ମନକଥା', 'ଫଟୋ ଏବଂ ଅନ୍ୟାନ୍ୟ ଗଳ୍ପ', 'ମୁଁ ଏବଂ ଆମ ଗାଁ', 'ପ୍ରତିଭୂ', 'ଶୁଚିସ୍ମିତାର କାହାଣୀ', 'ପାପ', 'ଭୟ' । ଉପନ୍ୟାସ ଭାବେ 'ଦରଜି', ଶିଶୁକବିତା – 'ଆସ ଆସ ପାରାଯୋଡ଼ିକ', 'ଟିକିଟିକି ତାରା', 'ଫୁଲ', 'ହାତୀ ବାଘ ହରିଣ' ଆଦି ପୁସ୍ତକ ରଚନା କରିଛି । ଲେଖା ମୋର ଅବସର ବିନୋଦନ ନୁହଁ କିମ୍ବା କୌଣସି ଗୋଟିଏ ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ଉଦ୍ଦେଶ୍ୟ ପ୍ରଣୋଦିତ ନୁହଁ । ଏହା ମୋର ଦୈନନ୍ଦିନ ଦିନଚର୍ଯ୍ୟାର ପ୍ରମୁଖ ଅଂଶ ବିଶେଷ । ମୋ ସ୍ୱକୀୟ ପ୍ରବୃତ୍ତିର ପରିପ୍ରକାଶ । ଲେଖିବା ଦ୍ୱାରା ମୋତେ ଆତ୍ମସନ୍ତୋଷ ମିଳିଥାଏ । ପାଠକୀୟ ସ୍ୱୀକୃତି ସେମିତି ମୋତେ ଉତ୍ସାହିତ କରିବା ସହ ଅଧିକ ସୃଜନ ମନସ୍କ ହେବାକୁ ପ୍ରେରଣା ଦେଇଥାଏ । ଯେମିତି ପ୍ରଥମ ଲେଖାଟିଏ ସେ କବିତା ହେଉ କି କାହାଣୀ ଧଳା କଳା ଅକ୍ଷରରେ ପ୍ରକାଶିତ ହୋଇ ଲେଖକକୁ ପୁଲକିତ କରିଥାଏ ସେପରି ଲେଖକର ଲେଖାଗୁଡ଼ିକ ସଂକଳିତ ହୋଇ ପୁସ୍ତକ ରୂପେ ପ୍ରକାଶିତ ହେବାର ଅନୁଭବ ବି ଅନନ୍ୟ ହୋଇଥାଏ । ପ୍ରଥମ ପୁସ୍ତକକୁ ହାତରେ ଧରିବା ପ୍ରଥମ ସନ୍ତାନକୁ ଉଠାଇବା ଭଳି ଆନନ୍ଦ ଦେଇଥାଏ । ସେପରି ଅନୁଭବ ମୋତେ ମିଳିଥିଲା ଯେବେ ମୋର ବହୁ ବର୍ଷ ଧରି ଲେଖାହୋଇଥିବା କବିତା, ଗୀତିକବିତା ଏବଂ କାହାଣୀଗୁଡ଼ିକ ପୁସ୍ତକ ରୂପେ ପ୍ରକାଶିତ ହୋଇଥିଲା । ଏଯାବତ୍ ଦୁଇଶହରୁ ଅଧିକ ଗଳ୍ପ, ପାଞ୍ଚ ଶହରୁ ଅଧିକ କବିତା ଏବଂ ଶତାଧିକ ଶିଶୁ ଗଳ୍ପ କବିତା ରଚନା କରିବା ପରେ କେବେ କେବେ ମନକୁ ଆସେ କେବେ କ'ଣ ଏମିତି ଦିନଟିଏ ଆସିବ ଚାକିରିରୁ ଅବସର ଗ୍ରହଣ କରିବା ଭଳି ମୋତେ ଆଉ ଲେଖା ମାଡ଼ିବ ନାହିଁ! ମୁଁ ଗଳ୍ପ, କବିତା ଲେଖିପାରିବି ନାହିଁ ବା ଲେଖିବାକୁ ଇଚ୍ଛା କରିବି ନାହିଁ! କିନ୍ତୁ ସେପରି ହେବା ଆଗରୁ ପୁଣି ମନକୁ ଗଳ୍ପର ଭିତ୍ତି, କବିତାର ପଂକ୍ତି ଆଲୋଡ଼ିତ କରିଥାଏ । କବିତା ଲେଖିବା ପାଇଁ ମନ ଆନ୍ଦୋଳିତ ହେବା ସହ କାହାଣୀ ପାଇଁ ଉପାଦାନ ମିଳିଯାଏ । ସୃଜନରେ ଥାଏ ନିରୁତା ଆନନ୍ଦ । ସେ ଯେବେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ମିଳେ ତେବେ ମିଳିଥାଏ ପରମ ସନ୍ତୋଷ । ତାଙ୍କର ଏହି ସୃଜନଶୀଳତା ପାଇଁ ତାଙ୍କୁ ଶ୍ୱେତସଙ୍କେତ, ବରିଷ୍ଠ ଶାଶ୍ୱତ ସମ୍ମାନ, ଆଇନା ପ୍ରତିଭା ସମ୍ମାନ, ସୂର୍ଯ୍ୟୋଦୟ ସାରସ୍ୱତ ସନ୍ତ୍ରାନ୍ତ ସମ୍ମାନ, ରାଜଧାନୀ ପୁସ୍ତକମେଳା ପୁରସ୍କାର ଆଦି ଏକାଧିକ ଅନୁଷ୍ଠାନରୁ ସମ୍ମାନ ଓ ପୁରସ୍କାର ମିଳିଛି । ସେ କୁହନ୍ତି, ' ଯେବେ କେହି ଅଜଣା ବ୍ୟକ୍ତି ଲେଖା ପଢ଼ି ଶୁଭେଚ୍ଛା ସହ ମତାମତ ଜଣାନ୍ତି ଲାଗେ ସୃଜକର ଶ୍ରମ ସାର୍ଥକ ହୋଇଛି । ଆଉ ତାହା ହିଁ ମୋତେ ଲେଖିବାକୁ ପ୍ରେରଣା ଦେଇ ଆସୁଛି । **–ବନବିହାରୀ ବେହେରା**





# ଦେବୀ

– ସ୍ନିଗ୍ଧା ସାହୁ

ପାର୍ବଣ ଋତୁ ଆସିଲେ ମନେପଡ଼ିଯାଏ ସେଇ ରାତି.. ସେଇ ସ୍ମୃତି। ତିଥି ଥାଏ ଷଷ୍ଠୀ। ମୁଁ ସାନପୁଅକୁ ହଷ୍ଟେଲରେ ଦେଖାକରି ପୁରୀ ଅନୁଗୁଳ ଫାଷ୍ଟ ପାସେଞ୍ଜର ସନ୍ଧ୍ୟା ଟ୍ରେନ୍‌ରେ ଭୁବନେଶ୍ୱରରୁ ତାଳଚେର ଥର୍ମାଲ ଫେରୁଥାଏ। ଶକ୍ତି ଉପାସନାର ପର୍ବ ପାଳନ ପାଇଁ ସତେ ଯେମିତି ଟ୍ରେନ୍ ଭିତରଟା ଚଳଚଞ୍ଚଳ ହେଇଯାଇଥାଏ। ଯାହା ହେଉ ଝରକା ପାଖ ସିଟ୍ ମିଳିଗଲା। ଶାରଦୀୟ ଉତ୍ସବକୁ ନେଇ ଯାତ୍ରୀମାନଙ୍କ ଭିତରେ ସରଗରମ ଆଲୋଚନା। ସେଇ ଭିଡ଼ ଭିତରେ ସ୍ତ୍ରୀ ଲୋକଟିଏ ଭିକ୍ଷା ମାଗିବାକୁ ଠେଲି ପେଲି ହେଇ ମଞ୍ଜେଶ୍ୱର ଷ୍ଟେଶନରୁ ଉଠିଲା। ତା'ର ଚିରା ଶାଢ଼ି ପଣତରେ ଛୋଟ ଛୁଆଟିକୁ କାଖରେ ବାନ୍ଧିଥାଏ। ତାକୁ ଦେଖି ଯାତ୍ରୀମାନଙ୍କର ବିରକ୍ତି ଆଉ କ୍ରୋଧ ମିଶା ମୁହଁ। ଛୁଆଟିର ଭୋକିଲା ମୁହଁକୁ ଦେଖି ଯିଏ ଯାହା ଦେଉଥାନ୍ତି। ମୁଁ ବ୍ୟାଗ୍‌ରୁ ବିସ୍କୁଟ ପ୍ୟାକେଟଟିଏ କାଢ଼ି ତା' ହାତକୁ ବଢ଼େଇଦେଲି। ସେ ଚାଲିଗଲା।

ଝରକା ବାଟେ କାଶତଣ୍ଡୀ ଫୁଲର ସମ୍ଭାର ଦେଖିବାରେ ମୁଁ ମଗ୍ନ ଥାଏ। ଅଳ୍ପ ଅଳ୍ପ ଶୀତୁଆ ପବନରେ ଆଖି ଟିକେ ଲାଗିଯାଇଥାଏ। ହଠାତ୍ କୋଳାହଳ ଶୁଣି ଉଠି ଜାଣିଲି ଯେ ଢେଙ୍କାନାଳ ଷ୍ଟେଶନ ହେଲାଣି। ଅଧିକାଂଶ ଯାତ୍ରୀ ସେଇଠି ଓହ୍ଲେଇଲେ। ଯେତିକି ଓହ୍ଲାନ୍ତି ସେତିକି ଚଢ଼ନ୍ତି। ସେଦିନ ବେଶି କେହି ସେଠି ଉଠିଲେନି। ବଗିରେ ଏତେ କମ୍ ଲୋକ ଦେଖି ମୋତେ ଟିକେ ଡର ଲାଗିଲା। ମୁଁ ତାଳଚେର ଥର୍ମାଲ ଷ୍ଟେଶନରେ ଓହ୍ଲେଇବି। କାଳେ ଷ୍ଟେଶନ ଜାଣିପାରିବିନି ସେଥିପାଇଁ ବାରମ୍ବାର ବାହାରକୁ ଦେଖୁଥାଏ ଆଉ ଘରକୁ ଫୋନ ଲଗାଉଥାଏ। ମେରାମଣ୍ଡଳି ଆସିଲା। ସେତେବେଳକୁ ବଗି ପ୍ରାୟ ଖାଲି। ମୋଟ ସାତଜଣ ବୋଧେ ମୋତେ ମିଶେଇ । ମହିଳା ଯାତ୍ରୀ ମୁଁ ଏକୁଟିଆ। ପଛକୁ ବୁଲି ଚାହିଁଲି। ସମସ୍ତଙ୍କ ଦୃଷ୍ଟି ମୋ ଉପରେ। ଭୟରେ ଦେହ ଥରୁଥାଏ। ଆଉ ଗୋଟିଏ ଷ୍ଟେଶନ ବୁଢ଼ାପଙ୍କ, ତା'ପରେ ଥର୍ମାଲ। ମନେ ମନେ ସବୁ ଦେବଦେବୀଙ୍କୁ ଡାକୁଥାଏ, ଭଲରେ କେମିତି ପହଞ୍ଚେଇ ଦିଅ ପ୍ରଭୁ। ଛାନିଆରେ ମନ୍ତ୍ର ସବୁ ଭୁଲ୍ ଭାଲ୍ ହେଇଯାଉଥାଆନ୍ତି । ବୁଢ଼ାପଙ୍କରେ ଦୁଇଟି ପିଲା ଓହ୍ଲେଇଗଲେ।

ସେତେବେଳକୁ ସମୟ ରାତି ୯ ଟା ପାଖାପାଖି। ମୋ ଦେହହାତ ପାଣି ପାଣି ହେଇଗଲାଣି। ମୋ ମନରେ ଥାଏ ଏବେ ଯୋଉଠି ଟ୍ରେନ୍ ରହିବ ସେଇଟା ହିଁ ଥର୍ମାଲ। ହାତରେ ଜାବୁଡ଼ିକି ଧରିଥାଏ ବ୍ୟାଗ୍‌ଟି। ସେ ଯୁବକମାନେ ନିଜନିଜ ଭିତରେ ପରିଚିତ ପରି ଗପୁଥାନ୍ତି ଆଉ ଉଚ୍ଚ ସ୍ୱରରେ ହସାହସି ହେଉଥାଆନ୍ତି।

କିଛି ସମୟ ପରେ ଦୂରରୁ ପ୍ଲାଟ୍‌ଫର୍ମ ଲାଇଟ ଦିଶିଲା। ମୁଁ ଟିକେ ଆଶ୍ୱସ୍ତ ହେଲି। ଟ୍ରେନ୍ ଯେମିତି ରହିଲା ମୁଁ କିଛି ନ ବୁଝି ନ ଭାବି ତରବରରେ ବ୍ୟାଗ୍ ଧରି ଓହ୍ଲେଇପଡ଼ିଲି। କିନ୍ତୁ ଗୋଡ଼ ଯେ ପାଉନି। ପ୍ଲାଟ୍‌ଫର୍ମ କ'ଣ ଏତେ ତଳେ ? ବାହାର ଏତେ ଅନ୍ଧାର କ'ଣ ? କୋଉଠି ଓହ୍ଲେଇଲି ? ମୁଣ୍ଡ କିଛି କାମ କରୁନଥାଏ। ପଛକୁ ଚାହିଁଲା ବେଳକୁ ଜଙ୍ଗଲ ପରି ଲାଗିଲା। ଛାତି ଧଡ଼ଧଡ଼ କରୁଥାଏ।

ଟ୍ରେନ୍ ଭିତରେ ଯୁବକମାନେ ବଡ଼ ପାଟିରେ କହୁଥାନ୍ତି , ''ସିଗ୍‌ନାଲ ମିଳିନି ବୋଲି  ଆଉଟ୍ ସ୍କଟ୍‌ରେ ଟ୍ରେନ୍ ରହିଛି, ଏଠି ଓହ୍ଲାଇବା ବିପଜ୍ଜନକ।''

ମୋ ଭିତରଟା ଥରିଗଲା। ଗୋଡ଼ ସ୍ଥାଣୁ ପାଲଟିଗଲା। ଆଉ ଯେ ବଳ ପାଉନି ବ୍ୟାଗ୍ ଧରି ପୁଣି ଉଠିବାକୁ। ବଡ଼ପାଟିରେ ବିକଳରେ କହିଲି, ''ମା' ରକ୍ଷା କର .. ମା' ରକ୍ଷା କର .. ।'' ଓଠ ଥରି ଯାଉଥାଏ। ବୁଦ୍ଧି ଦିଶୁ ନ ଥାଏ। ଏତିକି ବେଳେ  ଟ୍ରେନ୍ ଛାଡ଼ିବାର ହର୍ନ ଦେଲା। କିଛି ସମୟ ପାଇଁ ମୋତେ ଲାଗିଲା ମୋ ଦେହରେ ଜୀବନ ନାହିଁ। ହଠାତ୍ କୋଉଠି ଥିଲା ସେ ଭିକ୍ଷା ମାଗୁଥିବା ସ୍ତ୍ରୀ ଲୋକଟି ଗୋଟେ ହାତରେ ଛୁଆ କାଖେଇ ଆର ହାତଟା ବଢ଼େଇ ଦେଲା ମୋ ଆଡ଼କୁ। ମୁଁ ତଳେ ଅନ୍ଧାରରେ ଆଉ ସେ  ଦରଜା ପାଖରେ। ବଗି ଭିତରର ଆଲୁଅ ପଛପଟୁ ତା' ଆଲୁରା କେଶ ଉପରେ ପଡ଼ି ଅଦ୍ଭୁତ ଦିଶୁଥାଏ। ଓଃ...ମୋ ଦେହରେ ଶିହରଣ ଖେଳିଗଲା। କୋଉଠି ଥିଲା ଏତେ ଶକ୍ତି କେଜାଣି ମୋ ବ୍ୟାଗ୍ ଆଉ ମୋତେ ସେ ଟାଣି ଉଠେଇଦେଲା ଟ୍ରେନ୍ ଭିତରକୁ। ସେତେବେଳକୁ ସେ ଯୁବକମାନଙ୍କ ଭିତରୁ ଜଣେ ଆସି ମୋ ବ୍ୟାଗ୍‌ଟି ଧରି ନେଇଥିଲା। ଆଖି ପିଛୁଳାକେ ଏସବୁ ହେଇଗଲା। ମୋ ଆଖିରେ ଲୁହର ଲହଡ଼ି। ସବୁ ଜାଲୁଜାଲୁଆ ଦିଶୁଥାଏ। ଉପରକୁ ଉଠିପଡ଼ିଲି। ସମଗ୍ର ଶରୀର ଥରୁଥାଏ। ସ୍ତ୍ରୀ ଲୋକଟି କିଛି ଯେମିତି ହେଇନି ସେମିତି ମୁହଁ ବୁଲେଇ ପଛ ସିଟ୍‌କୁ ଚାଲିଗଲା। ହାତ ଆପେ ଯୋଡ଼ି ହେଇଗଲା ପ୍ରଣମ୍ୟ ମୁଦ୍ରାରେ ତା' ଆଡ଼କୁ।

ଦେବୀ ମାଆ କ'ଣ ଏମିତି ଆସନ୍ତି!! କେତେବେଳେ କୋଉ ରୂପରେ !!

*–କଟକ, ମୋ: ୮୨୪୯୩୭୫୧୮୮*

# ମା'

– ବିମଳା ସିଂହ

ମା'
ବନ୍ଧୁର ଜୀବନ ପଛେ
ତୋର ସେଇ ଅଦୃଶ୍ୟ ଇଙ୍ଗିତରେ
ଜାଳୁଥାଏ ପ୍ରୀତିର ଦୀପାଳି,
ତୋ' କାନି  ପଣତେ
ବନ୍ଧା ଥାଏ ଜୀବନ ଲହଡି
ଆଶା ଆଉ ବିଶ୍ୱାସର ପାରାବାରେ ......
ମା'
ତୁ ମୁହଁ ଫେରାଇ ଦେଲେ,
ସାଉଁଟେ ବହଳେ ଅନ୍ଧାର
ମିଥ୍ୟା ପ୍ରବଞ୍ଚନା,
ଆଉ,
ଯେତେ କୁହେଳି ........
ନା, ଦେଖେ ସ୍ୱପ୍ନ
ପ୍ରଥମ କାକଳି ଭରା
ସୁନେଲି ସକାଳର ସୂର୍ଯ୍ୟ
ଆଗାମୀ କାଲିର  !
ମା'
ତୋ କରୁଣା ବିନା ଯେ
ଜୀବନ ଅନ୍ଧାର .........

*ମୋ: ୯୪୩୮୦୧୩୧୯୩*

# ଇଜ୍ଜତ

–ସତ୍ୟନାରାୟଣ ଗନ୍ତାୟତ

ଯିଏ ତାଙ୍କ ଉପରେ
ଚାଦର ଘୋଡାଇ
ତାଙ୍କୁ ସମ୍ମାନିତ କଲେ
ଇଏ ବି ସେମିତି ଇ
ଚାଦର ଘୋଡାଇ
ତାଙ୍କୁ ସମ୍ମାନିତ କଲେ  !

ଏବଂ ଏମିତି ଦୁହେଁ
ସମ୍ମାନିତ ହେବା ସହ
ନିଜ ନିଜ ଇଜ୍ଜତ
ନିଜେ ଇ ନିଲାମ କଲେ  !!

*–କସ୍ତୁରୀ ନଗର, ରାୟଗଡ଼ା*
*ମୋ: ୯୪୩୭୯୦୯୬୭୫*

# ଉପନ୍ୟାସ ଲେଖିବେ କ୍ରୀତି

କ୍ରୀତି ସାନନ୍ ଏବେ ଏକ ନୂଆ କାମ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଏ ନେଇ ସେ ଗତ କିଛି ମାସ ହେବ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ହେଲେ ତାହା ଏମିତି କି କାମ ଯେ ସେଥିପାଇଁ ସେ ଏଭଳି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। କଥା କ'ଣ କି ଏହି ଅଭିନେତ୍ରୀ ଖୁବ୍ ଶୀଘ୍ର ଏକ ଉପନ୍ୟାସ ଲେଖିବାକୁ ଯାଉଛନ୍ତି। ଏ ବିଷୟରେ କ୍ରୀତି କହନ୍ତି, ''ସ୍କୁଲରେ ପଢ଼ିବା ସମୟରୁ ମୁଁ ଲେଖାଲେଖି ସହ ଜଡିତ। ପ୍ରଥମେ ମୁଁ ଏକ ଛୋଟ କବିତା ଲେଖିଥିଲି। ତାହା ପ୍ରଶଂସିତ ହେବା ପରେ ଗପ-କବିତା ଲେଖିବା ପ୍ରତି ମନ ବଳାଇଥିଲି। ମୋର ଅନେକ ଗପ-କବିତା ବିଭିନ୍ନ ମାଗାଜିନ୍‌ରେ ପ୍ରକାଶ ପାଇଛି। ଏବେ ମୁଁ ଏକ ନୂଆ ଯୋଜନା କରିଛି। ଖୁବ୍ ଶୀଘ୍ର ମୁଁ ଏକ ଉପନ୍ୟାସ ଲେଖିବାକୁ ପ୍ରସ୍ତୁତ ହେଉଛି। ଏହାର କଥାବସ୍ତୁ ପ୍ରାୟ ରେଡି ହୋଇଗଲାଣି। କେବଳ ସମୟ ବାହାର କଲେ ଲେଖିବା ଆରମ୍ଭ ହେବ। ଏହି ଉପନ୍ୟାସରେ ମୁଁ ମୋ ଜୀବନର କେତୋଟି ଅକୁହା କଥା ଲିପିବଦ୍ଧ କରିବାକୁ ସ୍ଥିର କରିଛି। ଖୁବ୍ ଶୀଘ୍ର ଏକ ଶୁଭଦିନ ଦେଖି ମୋର ଏହି ଉପନ୍ୟାସ ମିଶନ ଆରମ୍ଭ କରିବି।'' ଅଭିନୟ ବ୍ୟତୀତ ସେ ମଧ୍ୟ ଜଣେ କଥକ ନୃତ୍ୟାଙ୍ଗନା। କ୍ରୀତି ସବୁବେଳେ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ ଥାଆନ୍ତି। ସବୁ କଥା ଠିକ୍ ଯେ, ହେଲେ ଗୋଟିଏ ଜିନିଷକୁ ତାଙ୍କୁ ଭାରି ଭୟ ଲାଗେ। ତାହା ହେଲା ପାଣି। ଯଦି ନଦୀ କିମ୍ବା ସମୁଦ୍ର ପାଖରେ ଶୁଟିଂ ହୁଏ, ତେବେ ପାଣିକୁ ଦେଖିବା ପରେ ତାଙ୍କ ମନରେ ଭୟ ସୃଷ୍ଟି ହୁଏ ବୋଲି ସେ କହନ୍ତି। ବର୍ତ୍ତମାନ ସେ ଫରହାନ୍ ଅଖତରଙ୍କ ଆଗାମୀ ସିନେମା 'ଡନ୍ ୩'ର ନାୟିକା ଭୂମିକାରେ ଅଭିନୟ କରିବେ।


କ୍ରୀତୀ

# ଓଜନ ଟେନସନ୍

ସାରା ଅଲ୍ଲୀ ଖାଁ ଏବେ ତାଙ୍କର ଆକ୍ଟିଂ କ୍ୟାରିୟରର ପ୍ରାରମ୍ଭିକ ଘଟଣାଗୁଡ଼ିକୁ ବଖାଣି ବୁଲୁଛନ୍ତି। ସୈଫ ତନୟା ସାରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କେଦାରନାଥ'। ୨୦୧୮ରେ ରିଲିଜ ହୋଇଥିବା ଏହି ସିନେମାର ନିର୍ଦ୍ଦେଶନା ଦେଇଥିଲେ ଅଭିଷେକ କପୁର। ଏଥିରେ ତାଙ୍କର ନାୟକ ଭୂମିକାରେ ଅଭିନୟ କରିଥିଲେ ସୁଶାନ୍ତ ସିଂ ରାଜପୁତ। ଏପରି ଅଫର୍ ପାଇ ସେ ଯେତିକି ଖୁସି ଥିଲେ ସେତିକି ଦୁଃଖୀ ମଧ୍ୟ ଥିଲେ। ହେଲେ କାହିଁକି ? ଏହାର ଏକ କାରଣ ତ ନିଶ୍ଚୟ ଥିବ। ଏ ବିଷୟରେ ଖୋଦ୍ ସାରା କ'ଣ କହୁଛନ୍ତି ଜାଣିବେନି ? ''ଯେତେବେଳେ ମୋତେ 'କେଦାରନାଥ' ଅଫର ମିଳିଲା ନିର୍ଦ୍ଦେଶକ ମୋତେ ଯାହା କହିଲେ ତାହା ଶୁଣି ମୋର ସବୁ ଖୁସି ମିଳେଇ ଯାଇଥିଲା। ସେ ମୋତେ ଏକ ସୀମିତ ସମୟ ଭିତରେ ଓଜନ କମାଇବାକୁ କହିଥିଲେ। ଆଉ ତା'ପରେ ଏ ନେଇ ମୁଁ ଲାଗିପଡିଥିଲି। ମୋର ପ୍ରଥମ ସିନେମା ପାଇଁ ମୋତେ ପାଖାପାଖି ୪୫ କି.ଗ୍ରା. ଓଜନ କମାଇବାକୁ ପଡିଥିଲା।'' ସମୟ ମିଳିଲେ ସାରା ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବାକୁ ପସନ୍ଦ କରନ୍ତି। ତାଙ୍କର ଆଉ ଏକ ଅଭ୍ୟାସ ରହିଛି। ତାହା ହେଲା ପଢ଼ାପଢ଼ି। ନୂଆ ନୂଆ ଲେଖକଙ୍କ ବହି ବଜାରକୁ ଆସିଲେ ସେ କିଣିବାକୁ ଭୁଲି ନ ଥାନ୍ତି। ଆଉ ଏଭଳି ଅଭ୍ୟାସ ପାଇଁ ସେ ନିଜ ଘରେ ଏକ ମିନି ଲାଇବ୍ରେରି ମଧ୍ୟ କରିଛନ୍ତି।


ସାରା


# ମୁରବି

ଫିଲ୍ମଟିଏ ନିର୍ମାଣ କଲେ ତାହାର କାହାଣୀ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଏ। କେବଳ ଯେ ରୋମାନ୍ସ, ଆକ୍ସନ ରହିଲେ ତାହା ଦର୍ଶକାଦୃତ ହେବ, ତାହା ଭାବିବା ଭୁଲ। କାହାଣୀରେ ପାରିବାରିକ ଛିଟା ଏବଂ ଭାବପ୍ରବଣତା ରହିବା ଜରୁରୀ। କାରଣ ତାହା ହିଁ ଦର୍ଶକଙ୍କୁ ପ୍ରଭାବିତ କରିବାର ଦମ୍ ରଖିଥାଏ। ତା'ସହ ଫିଲ୍ମର ନାୟକ କିଏ ? ତାଙ୍କ ଉପରେ ଫିଲ୍ମଟି ସମ୍ପୂର୍ଣ୍ଣ ଭାବରେ ପର୍ଯ୍ୟବସିତ କି ? ଯେଉଁ ଚରିତ୍ର ଅଛନ୍ତି ସେମାନଙ୍କର କାହାଣୀ ସହ କିଭଳି ସଂଯୋଗ ରହିଛି, ଏସବୁ ଦିଗ ପ୍ରତି ବି ଧ୍ୟାନ ଦେବା ଜରୁରୀ। ଆଉ ଏସବୁ ଦିଗ ପ୍ରତି ଗୁରୁତ୍ୱ ଦେଇ ନିର୍ମାଣ ହୋଇଛି ଚଳଚ୍ଚିତ୍ର 'ମୁରବି', ଯାହାକି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶା ରଖିଛି। ମେଣ୍ଟିସ ଫିଲ୍ମସ ନିବେଦିତ ଏହି ପ୍ରଥମ ଫିଚର ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ଦୁଇ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ଓ ଚୌଧୁରୀ ଜୟପ୍ରକାଶ ଦାସ। ଉଦିତ ଗୁରୁ, ପ୍ରସେନଜିତ, ଅଙ୍କିତା ମହାନ୍ତି, କଳ୍ପନା, ବିଜୟିନୀ ମିଶ୍ର, ମାଙ୍କେ, ଲୋଟନ ଖଟେଇ, ସୁସ୍ମିତା ପ୍ରଧାନ, ଦେବାଶିଷ, ସୁଧୀର ଲେଙ୍କା, ଅମିର ଦାସ, ପ୍ରଗତି ଗୁରୁ ପ୍ରମୁଖ ଅନ୍ୟାନ୍ୟ ଭୂମିକାରେ ଦେଖିବାକୁ ମିଳିବେ। ଫିଲ୍ମର ପ୍ରଯୋଜନା କରିଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଏବଂ ବିଶାଳ ମୌର୍ଯ୍ୟ। ଏହି ଯୋଡିଙ୍କ ଦ୍ୱାରା ପ୍ରସ୍ତୁତ ତଥା ବାବୁସାନ୍‌ଙ୍କ ଅଭିନୀତ 'ଦମନ' ବକ୍ସ ଅଫିରେ ବ୍ଲକ ବଷ୍ଟର ସାବ୍ୟସ୍ତ ହୋଇଥିଲା। 'ମୁରବି'ର ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର। ନିର୍ଦ୍ଦେଶନା ଦେଉଛନ୍ତି 'ଡାଲଚିନି' ଓ 'ଫାଲଗୁନ ଚୈତ୍ର' ଫେମ ଯୋଡି ଶିଶିର କୁମାର ସାହୁ ଓ ପିନାକୀ ସିଂ। ସିନେମାଟୋଗ୍ରାଫିରେ ଦାୟିତ୍ୱ ତୁଲାଇଛନ୍ତି ଯୁଧିଷ୍ଠିର ବେହେରା। ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା କରିଛନ୍ତି ପି. ସନ୍ତୋଷ। ରାଜଶ୍ରୀ ଫିଲ୍ମସ ଏହାର ବିତରଣ ଦାୟିତ୍ୱ ବହନ କରିଛନ୍ତି। 'ମୁରବି' ନଭେମ୍ବର ମାସରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ମୁରବି' ଫିଲ୍ମରେ କୁନା ତ୍ରିପାଠୀ-ଚୌଧୁରୀ ଜୟପ୍ରକାଶ ଦାସ

# ଅପେକ୍ଷା କରିଛନ୍ତି ରଣବୀର

ସତରେ, ଦୀର୍ଘ ମାସ ଧରି ଅପେକ୍ଷା କରିବା ଭାରି ଯନ୍ତ୍ରଣାଦାୟକ। ତଥାପି ଧୈର୍ଯ୍ୟ ରଖିବାକୁ ପଡିଥାଏ। ଦେଖୁନାହାନ୍ତି, ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ପରି ଫରହାନ ଅଖତରଙ୍କ ନୂଆ ସିନେମା 'ଡନ୍ ୩'ର ଶୁଟିଂ ଡେଟ୍ ଫାଇନାଲ ହୋଇପାରୁନି। ସେପଟେ ଏହାର କାଷ୍ଟିଂରେ ଏପଟ ସେପଟ ଚାଲିଛି। ଶୁଣିବାକୁ ମିଳୁଛି ଯେ ଏହି ଫିଲ୍ମକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଅମିତାଭ ବଚ୍ଚନ ଏବଂ ଶାହରୁଖଙ୍କୁ କେମିଓ ଭୂମିକାରେ ସାଇନ୍ କରାଯାଇଛି। ଅନ୍ୟପକ୍ଷରେ ଏକଥା ଜାଣିବା ପରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ରଣବୀର ସିଂଙ୍କ ଖୁସି କହିଲେ ନ ସରେ। ଏ ବିଷୟରେ ସେ କହନ୍ତି, ''ଆପଣମାନେ ଯାହା ଶୁଣୁଛନ୍ତି ତାହା ଯଦି ସତ ହୁଏ ତେବେ ମୋ ଠାରୁ ଖୁସି ଆଉ କେହି ହେବେ ନାହିଁ। ଏହି ଫିଲ୍ମର କାହାଣୀ ଯେଉଁଭଳି ହୋଇଛି ତାହାକୁ ଆହୁରି ମାଇଲେଜ ଦେବାରେ ଏହା ନିଶ୍ଚୟ ସାହାଯ୍ୟ କରିବ। ତେବେ ଏହାର ଶୁଟିଂ କେବେ ଆରମ୍ଭ ହେବ ତାହାର ଘୋଷଣାକୁ ନେଇ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି। ଶୁଣିବାକୁ ପାଉଛି ଯେ ଆସନ୍ତାବର୍ଷ ଜାନୁୟାରୀରେ ଶୁଟିଂ ଷ୍ଟାର୍ଟ ହେବ। ଏହି ଫିଲ୍ମରେ ମୋ ଭୂମିକାକୁ ନେଇ ମୁଁ ବେଶ୍ ଆଶା ରଖିଛି।'' ଆସନ୍ତା ବର୍ଷ ଚିତ୍ରଟି ରିଲିଜ ହେବାର ଯୋଜନା ରହିଛି। ତେବେ 'ଡନ୍ ୩'ରେ କି ମସଲା ରହିଛି ତାହା ରିଲିଜ ହେବାପରେ ଜଣାପଡିବ।


ରଣବୀର

# ସେହି କେଇ ପଦ କଥା...

ସୋନାକ୍ଷୀ ସିହ୍ନା କେବଳ ହିନ୍ଦୀ ନୁହେଁ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ତାମିଲ ସିନେମାର ଟାଇଟଲ ଥିଲା 'ଲିଙ୍ଗା'। ଆଉ ଏହାର ମୁଖ୍ୟ ଭୂମିକାରେ କିଏ ଅଭିନୟ କରିଥିଲେ ଜାଣନ୍ତି ? ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ତଥା ବିଶିଷ୍ଟ ଅଭିନେତା ରଜନୀକାନ୍ତ। ଉକ୍ତ ଅଫରଟି ପାଇବା ପରେ ସୋନାକ୍ଷୀ ଆଗପଛ ବିଚାର ନ କରି ହଁ ଭରିଥିଲେ। ଏହାର କାରଣ ସମ୍ପର୍କରେ ସେ କହନ୍ତି, ''ରଜନୀକାନ୍ତଙ୍କ ପରି ଆକ୍ଟରଙ୍କ ସହ ଅଭିନୟ କରିବାର ସୁଯୋଗକୁ କିଏ ବା ହାତଛଡା କରିବ କହିଲେ ? ଆଉ ମୁଁ ବା ସେଥିରୁ କିପରି ବାଦ୍ ପଡିଥାଆନ୍ତି ? ଏହାର ଶୁଟିଂ ସମୟରେ ତାଙ୍କର ଟିପ୍ସ ମୋ ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଛି। ଅଭିନୟକୁ ନେଇ ମୋ ମନରେ ଥିବା ଅନେକ ପ୍ରଶ୍ନର ସମାଧାନ ସେ କରିଦେଇଥିଲେ। ତାଙ୍କର ସେହି କେଇପଦ କଥା ଆଜି ବି ମୋ ମନରେ ବେଶ୍ ସତେଜ ହୋଇ ରହିଛି।'' କେବଳ ଅଭିନୟ ନୁହେଁ ଯେତେବେଳେ ସୋନାକ୍ଷୀଙ୍କୁ ଟିକେ ସମୟ ମିଳେ ସେ ଚିତ୍ର ଆଙ୍କିବାକୁ ବସି ପଡନ୍ତି। ୨୦୧୦ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ପ୍ରଥମ ହିନ୍ଦୀ ସିନେମାଟି ଥିଲା 'ଦବଙ୍ଗ'। ସଲମାନ ଖାନ୍ ଫିଲ୍ମସ ବ୍ୟାନରରେ ତାଙ୍କୁ ବ୍ରେକ୍ ମିଳିଥିଲା। ଆଉ ଏହି ଫିଲ୍ମର ଶୁଟିଂ ପୂର୍ବରୁ ସେ ନିଜର ଓଜନ ପାଖାପାଖି ୩୦ କି.ଗ୍ରା. କମାଇଥିଲେ।


ସୋନାକ୍ଷୀ

# ମାଆ ହାତରେ ଦେଇଥିଲି ମୋ ପ୍ରଥମ ରୋଜଗାର

**ପ୍ରଥମ ରୋଜଗାର**



ମଣିପାଲ ୟୁନିଭର୍ସିଟିର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରଫେସର ତଥା ନିର୍ଦ୍ଦେଶକ **ଡ. ଫକୀର ମୋହନ ନାହାକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପିଲାଦିନେ ବାପାଙ୍କଠାରୁ ଶୁଣିଥିଲି ତାଙ୍କ ଜୀବନ ସଂଘର୍ଷର କାହାଣୀ। ଆର୍ଥିକ ଅନଟନ ଯୋଗୁ ସେ ଅଧିକ ପାଠ ପଢ଼ିବାକୁ ଚାହୁଁଥିଲେ ବି ପଢ଼ି ପାରି ନ ଥିଲେ। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ ସେ ଯୋଗ ଦେଇ ସେଇଠୁ ହିଁ ଅବସର ନେଇଥିଲେ। ସେ ପଢ଼ି ପାରି ନ ଥିବାଜନିତ ପୀଡ଼ା ହିଁ ବୋଧହୁଏ ଆମ ତିନି ଭାଇ ଭଉଣୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ପାଇଁ ତାଙ୍କୁ ପ୍ରେରଣା ଦେଇଥିଲା। ତେଣୁ ପିଲାଦିନରୁ ହିଁ ମୋ ଭିତରେ ସ୍ୱାବଲମ୍ବୀ ହେବାର ଇଚ୍ଛା ବଳବତ୍ତର ଥାଏ। କିଛି ନା କିଛି ଉପାୟରେ କାମ କରିବା ଏବଂ ରୋଜଗାର କରିବା ଲାଗି ପ୍ରୟାସ ଜାରି ରହିଥାଏ। ୧୯୯୩ରେ ବି.ଏସ୍‌ସି. ପଢ଼ିଲାବେଳେ ଆକାଶବାଣୀରେ ପ୍ରଥମ ଥର ପାଇଁ ଗୋଟିଏ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ମିଳିଥିଲା। ପିଲାଦିନରୁ ରେଡିଓ ପ୍ରତି ରହିଥିବା ଅହେତୁକ ଆଗ୍ରହ ପାଇଁ ମୋତେ ସେ କାର୍ଯ୍ୟକ୍ରମ ଗୋଟିଏ ସୁଯୋଗ ପରି ଲାଗୁଥିଲା। ତେବେ ଏଥିପାଇଁ ଯେ କିଛି ଆର୍ଥିକ ପ୍ରୋତ୍ସାହନ ମିଳିବ, ସେ ଧାରଣା ମୋର ଆଦୌ ନ ଥିଲା। ସେହିଦିନର ସେ କାର୍ଯ୍ୟକ୍ରମ ପାଇଁ ମୋତେ ମିଳିଥିଲା ଦେଢ଼ ଶହ ଟଙ୍କା। ଜୀବନରେ ମୋ କାମ ପାଇଁ ମୋତେ ପାରିଶ୍ରମିକ ମିଳିବାର ଏହା ଥିଲା ପ୍ରଥମ ଘଟଣା। କିନ୍ତୁ ଏହା ଦରମା ନ ଥିଲା। ତା'ପରେ ବି ବହୁ ବର୍ଷ ପାଠପଢ଼ା ସାଙ୍ଗକୁ ଆକାଶବାଣୀରେ ସାମୟିକ ଉଦ୍‌ଘୋଷକ ଭାବେ କାମ କରିଥିଲି। କିନ୍ତୁ ସେଥିରୁ ମିଳୁଥିବା ପାରିଶ୍ରମିକ ବି ଦରମା ନ ଥିଲା।

ଜୀବନର ପ୍ରଥମ ଦରମା ବା ରୋଜଗାର ଯଦି କହିବା, ତା' ହେଲେ ସେଇଟା ଥିଲା ମୋର ପ୍ରଥମ ଚାକିରିର ଦରମା। ଇଟିଭି ଓଡ଼ିଆର ପ୍ରାରମ୍ଭରେ ଯେଉଁ କେତେ ଜଣ ଲୋକ କାମ କରୁଥିଲେ, ସେଥିରୁ ମୁଁ ଥିଲି ଜଣେ। ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ୨୦୦୧ରେ ଜଏନ କରିଥିଲି ମୁଁ। ଚାକିରିର ପ୍ରଥମ ମାସର ଶେଷ ଦଶଦିନ କାମ କରିଥିଲି। ତେଣୁ ଦଶ ଦିନର ଦରମା ବାବଦକୁ ମିଳିଥିଲା ହଜାରେ ଅଠଚାଳିଶ ଟଙ୍କା। ନୂଆ କରି ଜଏନ କରିଥିବାରୁ ମୋର ବ୍ୟାଙ୍କ ଆକାଉଣ୍ଟ ବି ନ ଥିଲା। ସେଥିପାଇଁ ଗୋଟିଏ ଲଫାଫା ଭିତରେ ଶହେଟି ଦଶଟଙ୍କିଆର ଗୋଟିଏ ବଣ୍ଡଲ, ଦୁଇଟି କୋଡ଼ିଆ ଟଙ୍କିଆ ନୋଟ୍ ଏବଂ ଆଠଟି ଟଙ୍କିଆ କଏନ୍ ମିଳିଥିଲା ପ୍ରଥମ ଦରମା ଭାବରେ। ସେହି ମୁହୂର୍ତ୍ତର ଅନୁଭବ ଥିଲା କିଛି ଭିନ୍ନ ଏବଂ ଚିରକାଳ ସ୍ମରଣୀୟ। ଜୀବନର ପ୍ରଥମ ଦରମା ପାଇଥିବାରୁ ମନରେ ସନ୍ତୁଷ୍ଟି ବି ଥିଲା। ଏଣିକି ମୁଁ ସ୍ୱାବଲମ୍ବୀ ହୋଇଗଲି ବୋଲି ମନେହେଉଥିଲା। ହାଇଦ୍ରାବାଦ ଗଲାବେଳେ ବାପା ମୋତେ କିଛି ଟଙ୍କା ଦେଇଥିଲେ ମୋର ପ୍ରାରମ୍ଭିକ ଚାକିରି ଜୀବନରେ ଆବଶ୍ୟକ ଖର୍ଚ୍ଚ ତୁଲାଇବା ପାଇଁ। ସେଇଥିରେ ହିଁ ଚାଲିଥିଲା ମୋର ଖର୍ଚ୍ଚ। ପ୍ରଥମ ଦରମାରେ ଆଦୌ ହାତ ଲଗାଇ ନ ଥିଲି। ତା'ପର ମାସରୁ ଅବଶ୍ୟ ଦରମା ବ୍ୟାଙ୍କ ଆକାଉଣ୍ଟକୁ ଆସିଲା। ହେଲେ ସେ ଅନୁଭବ ନ ଥିଲା। ଚାକିରିର ତିନି ମାସ ପରେ ଯେତେବେଳେ ଛୁଟି ନେଇ ପ୍ରଥମ ଥର ପାଇଁ ଘରକୁ ଆସିଲି, ସେହି ପ୍ରଥମ ଦରମାର ଲଫାଫାଟିକୁ ସିଧା ଦେଇଥିଲି ମାଆ ହାତରେ। ମାଆ ଖୁସିରେ ମୋ ମୁଣ୍ଡରେ ହାତ ବୁଲାଇ ଦେଇଥିଲା। ମାଆ ବାପାଙ୍କ ତେଲ ଲୁଣର ସଂସାରରେ ଚାଲିଥିବା ନିତିଦିନିଆ ସଂଘର୍ଷ ଭିତରେ, ସେଦିନ ମାଆକୁ ଅନୁଭବ ହେଉଥିଲା, ତା' ପୁଅ ବଡ଼ ହୋଇଯାଇଛି। ଏଣିକି ସେ ତା' କଷ୍ଟରୁ ଭାଗ ନେଇପାରିବ। ହଁ, ମାଆର ଆଶୀର୍ବାଦରୁ ଏ ପଚିଶ ବର୍ଷ ଭିତରେ ମୁଁ ମୋ ସଂଘର୍ଷର ଅନେକ ରାସ୍ତା ଅତିକ୍ରମ କରିଛି। ନିଜ ହିସାବରେ ସଫଳତା ଓ ବିଫଳତାର ସ୍ୱାଦ ଚାଖିଛି। ଏତିକି ଦିନ ଭିତରେ ରୋଜଗାର ଢେର ବଢ଼ିଛି। କିନ୍ତୁ ସେ ପ୍ରଥମ ରୋଜଗାରର ଆନନ୍ଦ ଏବେ ବି ମନ ଭିତରେ ସାଇତା ହୋଇ ରହିଛି।

# ମଉନାବତୀର ବାଙ୍କ ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ

**ସାଥୀ**

**ପ୍ରଶ୍ନ**—ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ସେ ହସିଦେଲେ ମୁଁ ହସି ଦେଉଛି ଆଉ କିଛି ନ କହି ଚାଲି ଯାଉଛି। ସେ କ'ଣ ମୋତେ ପ୍ରେମ କରୁଛି ?

*–ଅମିୟ କୁମାର ପୁଷ୍ଟି, ବଲାଙ୍ଗୀର*

**ଉତ୍ତର:** ସେହି ଚାହାଣୀ, ହସ ଆଉ ଲାଜରେ ଆପଣଙ୍କ ପ୍ରେମର ସବୁ ଭିତିରି କଥା ଲୁଚି ରହିଛି। 'ମଉନାବତୀର ବାଙ୍କ ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ'। କେବଳ ମଗଜ ଖଟେଇ ତାକୁ ବୁଝି ପାରିଲେ ହେଲା। ଯଦି ଏହାର ଅସଲ ଅର୍ଥକୁ ଧରିବାରେ ସଫଳ ହେଲେ ନାହିଁ, ତେବେ ଆପଣଙ୍କ ପ୍ରେମ ଏମିତି ଭାବନାରେ ହିଁ ରହିଯିବାର ସମ୍ଭାବନା ରହିଛି। ତେଣୁ ଏ ନେଇ ଅଧିକ ନ ଭାବି ସେହି ସୁନ୍ଦରୀର ହସ ଆଉ ଚାହାଣୀକୁ ଗଭୀର ଭାବରେ ଷ୍ଟଡି କରନ୍ତୁ। ଯଦି ଇସାରାରେ ଲଭ୍ ଆରମ୍ଭ ହୋଇଗଲା, ତା'ହେଲେ ଟିକେ ଅଣ୍ଟା ଭିଡିଲେ ଆପଣଙ୍କ ପ୍ରେମର ମୁଳୁଦୁଆ ଷ୍ଟ୍ରଙ୍ଗ ହୋଇଯିବ।

**ପ୍ରଶ୍ନ**—ଆଜିକାଲି ପ୍ରେମରେ ଧୋକାର ପରିମାଣ ବଢ଼ି ଯାଇଛି। କାହିଁକି ? *–ଜନ୍ମେଜୟ, କଟକ*

**ଉତ୍ତର:** ଯେମିତି ପ୍ରେମକୁ ସେମିତି ଫଳ। ପ୍ରେମ କରିବାକୁ କୁତୁକୁତୁ ହେଲେ ଯେ ତାହା ଲଙ୍ଗ ଲାଷ୍ଟିଙ୍ଗ କରିବ ଆଉ ଆପଣ ସେଥିରେ ସଫଳ ହେବେ ତାହା ଭାବିବା ଭୁଲ। ଯାହାକୁ ମନ ମନ୍ଦିରରେ ରାଣୀ କରି ବସାଇବାକୁ ଚାହୁଁଛନ୍ତି ତାହାର ଏ ନେଇ ସମ୍ମତି ରହିବା ନିହାତି ଦରକାର। ଆଉ ଯଦି ଆପଣ ଏକତରଫା ଲଭ୍ କରୁଛନ୍ତି ତେବେ ତାହା କେତେବେଳେ ଧୂଆଁ ହୋଇ ଦୂର ଦିଗବଳୟ ସହ ମିଶିଯିବ ତାହା ନିଜେ ଜାଣିପାରିବେ ନାହିଁ। ଯେଉଁ ପ୍ରେମରେ ଉଭୟ ପ୍ରେମିକ ଓ ପ୍ରେମିକାର ସମ୍ମତି ଥାଏ ତାହା ସକ୍‌ସେସ୍ ହୁଏ। ଆଉ ଯେଉଁ ପ୍ରେମର ଫାଉଣ୍ଡେଶନ ଢ଼ିଲା, ତା'ଉପରେ ପ୍ରେମର ମୀନାର କେମିତି ଗଢ଼ିବେ କହୁନାହାନ୍ତି !

**ପ୍ରଶ୍ନ**—ମୋତେ ଏକାଥରେ ଦୁଇ ଜଣ ଝିଅ ଲଭ୍ କରୁଛନ୍ତି। ମୁଁ କାହାକୁ ଆପଣାର କରିବି ଆଉ କାହାକୁ ଗୁଡବାୟ କହିବି ସେ ନେଇ ଦୋଛକିରେ ପଡିଯାଇଛି ?

*–ଦିବାକର ନାୟକ, ଅନୁଗୋଳ*

**ଉତ୍ତର:** ଯାହାହେଉ ଆପଣଙ୍କ ଆଇଡିଆକୁ ମାନିବାକୁ ପଡିବ। ଆଜିକାଲି ଗୋଟିଏ ପ୍ରେମିକାକୁ ମ୍ୟାନେଜ କରିବାକୁ କେତେକ ପ୍ରେମିକ ପାଣି ପିଇଯାଉଛନ୍ତି, ଆଉ ଆପଣ ଏକାଥରେ ଦୁଇଟି ଟିଭିର ଆଣ୍ଟିନା ସାଜିଛନ୍ତି। ଏବେ କିନ୍ତୁ ଆପଣଙ୍କ ମୁଣ୍ଡ ବିନ୍ଧୁଛି ଯେ, ଦୁଇ ଜଣଙ୍କ ଭିତରୁ କାହାକୁ ରଖିବେ ଆଉ କାହାକୁ ବିଦା କରିବେ। ହେଲେ କେମିତି ? ପ୍ରେମ କରନ୍ତୁ ମନା ନାହିଁ, ହେଲେ ଏକାଥରେ ଦୁଇ ଜଣଙ୍କୁ ପ୍ରେମ କରନ୍ତୁ ନାହିଁ। ଏଭଳି ଘଡିସନ୍ଧି ସମୟରେ ଏମିତି ନିଷ୍ପତ୍ତି ନିଅନ୍ତୁ ଯେମିତି ଆପଣଙ୍କ ପ୍ରେମ ସୁରକ୍ଷିତ ହୋଇ ରହିବ ଆଉ ଆପଣ ପରଫେକ୍ଟ ସାଥୀକୁ ବାଛି ପାରିବେ।

**ପ୍ରଶ୍ନ**—ପ୍ରେମ ନିଶା କେତେ ଗାଢ଼ ମୋତେ କହିବେ କି ସାଥୀ ?

*–ପ୍ରୀତମ, ରାଉରକେଲା*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ସୁନ୍ଦରୀ ସହ ବଜାରରେ ଭେଟ ହେବା ପରେ ତା' ପ୍ରେମ ଜାଲରେ ମୁଁ ବାନ୍ଧି ହୋଇଯାଇଛି। ହେଲେ ମୋ ମନର କଥା ତାକୁ କହି ପାରୁନାହିଁ। କ'ଣ କରିବି ? *–ବିକ୍ରାନ୍ତ କୁମାର, ରାଉରକେଲା*

**ଉତ୍ତର:** ମନର କଥାକୁ ଯଦି ମନ ଭିତରେ ଚାପି ରଖିବେ ତେବେ ପ୍ରେମ କେମିତି କରିବେ। ନିଜ ମନର କଥାକୁ ସୁବିଧା ଦେଖି ସେହି ସୁନ୍ଦରୀ ଆଗେ କହି ଦିଅନ୍ତୁ। ଯଦି ଆପଣଙ୍କ କଥା ତା' ହୃଦୟକୁ ଛୁଇଁଲା ତା'ହେଲେ ଲଭ୍ ମିଶନ ସକସେସ ହେଲା। ଆଉ ଯଦି ମନ କଥା ନ କହିପାରିଲେ ତା'ହେଲେ ମରିଚିକା ପଛରେ ଧାଇଁବା ହିଁ ସାର।




# ବାଲୁକାକଳାରେ କରେ ଜନସଚେତନତା



**ପିଲାଦିନେ ବାଲିରେ ଖେଳୁଖେଳୁ କେତେବେଳେ ଯେ ଜଣେ ବାଲୁକାଶିଳ୍ପୀ ହୋଇଗଲି ସେକଥା ଭାବିଲେ ଏବେ ବି ମତେ ଆଶ୍ଚର୍ଯ୍ୟ ଲାଗେ...**





ଭକ୍ତ ବଳରାମ ଦାସଙ୍କ ବାଲିରଥରେ ଦିନେ ଅଟକି ଯାଇଥିଲେ ମହାପ୍ରଭୁ। ଏକଥା ରହିଛି ଯୁଗଯୁଗକୁ। ଆଉ ସେହି ବାଲୁକା କଳା ଏବେ ସାରା ବିଶ୍ୱରେ ଲୋକଙ୍କ ମନ କିଣୁଛି। ସେମିତି ଜଣେ ବାଲୁକା ଶିଳ୍ପୀ ହେଲେ **ପ୍ରଶାନ୍ତ କୁମାର ସାମନ୍ତରାୟ**। ସେ କୁହନ୍ତି, 'ପିଲାଟି ଦିନରୁ ବାଲିରେ ଖେଳୁଖେଳୁ କେତେବେଳେ ଯେ ଜଣେ ବାଲୁକାଶିଳ୍ପୀ ହୋଇଗଲି ସେକଥା ଭାବିଲେ ଏବେ ବି ମତେ ଆଶ୍ଚର୍ଯ୍ୟ ଲାଗେ। ଆମ ଘର କଟକ ଜିଲା ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ ଡଂସର ଗ୍ରାମରେ। ମୋ ମା' ଶଶିରେଖା ଭଲ ଚିତ୍ର କରିଥାନ୍ତି। ସେ ସବୁକୁ ଦେଖି ମୁଁ ନିଜେ ନିଜେ ଚିତ୍ର ଆଙ୍କୁଥିଲି। ସ୍କୁଲ ବୟସରୁ ମାମୁ ଚିନ୍ତାମଣି ରାଉତଙ୍କ ପାଖରେ ରହି ମାଟିରେ ବିଭିନ୍ନ ଦେବଦେବୀଙ୍କ ପ୍ରତିମୂର୍ତ୍ତି ଗଢିବା ଶିଖିଲି। ଏମିତିରେ +୨କଳା ଶିକ୍ଷା ପରେ ରାଜ୍ୟ ହସ୍ତଶିଳ୍ପ ଚାରୁକଳା ଓ କାରୁକଳା ଅନୁଷ୍ଠାନ, ଭୁବନେଶ୍ୱରରେ ଯୋଗଦେଇ ଆଉ କିଛି ପାଦ ଆଗକୁ ଯିବାର ସୁଯୋଗ ପାଇଥିଲି। ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ବାରିକଙ୍କ ପ୍ରେରଣା ଓ ଶିକ୍ଷା ଦ୍ୱାରା ବାଲୁକା କଳାରେ ବିଭିନ୍ନ କଳାକୃତି ତିଆରି କରିବାର କୌଶଳ ପାଇଥିଲି। ଏହାପରେ ମୋର ଦେଶ ବିଦେଶରେ ବାଲୁକା କଳାରେ ନିଜର ପାରଦର୍ଶିତା ଦେଖାଇବାର ନିଶା ଘାରିଥିଲା। ଓମ୍ ପ୍ରକାଶ ସାରଙ୍କ ସହ ପ୍ରଥମ ଥର ସାଉଦି ଆରବ, ଦୁବାଇ ଯାଇ ସେଠାରେ ମୋର କଳା ପ୍ରଦର୍ଶନ କରିଥିଲି। ବିଦେଶ ମାଟିରେ ନିଜର କଳାକାର୍ତ୍ତିକୁ ଦେଖାଇ ଢେର୍ ପ୍ରଶଂସା ସାଉଁଟିଥିଲି। ମୁଁ ମୁଖ୍ୟତଃ ସମାଜର ଚର୍ଚ୍ଚିତ ଘଟଣା କିମ୍ବା କଳାସଂସ୍କୃତିକୁ ଆଧାରକରି ବିଭିନ୍ନ ବାଲୁକା କଳା ପ୍ରସ୍ତୁତ କରି ଜନସଚେତନତା ସୃଷ୍ଟି କରିଥାଏ। ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଗଢ଼ିଛି ଏକାଧିକ ଦେବଦେବୀଙ୍କ ପ୍ରତିମା। ସେହିପରି ସମୁଦ୍ର ଓଦାବାଲିକୁ ସାଉଁଟି ସ୍ୱଚ୍ଛଭାରତ, ଏଡ୍ସ ଦିବସ, ବିଶ୍ୱ ମହିଳା ଦିବସ, ଗ୍ଲୋବାଲ ୱାର୍ମିଂ,ପରିବେଶ ସୁରକ୍ଷା, ରକ୍ତଦାନ, ମହାଶିବରାତ୍ରି, ଗଣେଶ ଚତୁର୍ଦ୍ଦଶୀ ଆଦି ସମ୍ପର୍କରେ ବାଲୁକା କଳାକୃତି ପ୍ରଦର୍ଶନ କରିବା ସହ ବିଭିନ୍ନ ଘଟଣା ଉପରେ ଆଧାରିତ କେତେକ କଳାକୃତିକୁ ତିଆରି କରିଥାଏ। ପ୍ରତିବର୍ଷ ଆମ ଗାଁରେ ମା' ବେଳାବାଲିଙ୍କ ପୀଠରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ବାଲୁକାକଳାରେ ମା'ଙ୍କର ପ୍ରତିମା ତିଆରି ପାଇଁ ନିଶିକାନ୍ତ ପଣ୍ଡା ମୋତେ ଉତ୍ସାହିତ କରିଥିଲେ। ସେହି ବାଲୁକା କଳାକୃତି ଦେଖିବା ପାଇଁ ବହୁତ ଶ୍ରଦ୍ଧାଳୁ କଳାପ୍ରେମୀଙ୍କ ଭିଡ଼ ଜମିଥାଏ। ସେହିପରି ବାଙ୍କୀ ମହୋତ୍ସବରେ ନିଜର ବାଲୁକାକଳା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥାଏ। ଏଥିଯୋଗୁ ଅନ୍ୟମାନେ ମୋତେ ବହୁପ୍ରଶଂସା କରିଥାନ୍ତି, ଯାହା ମୋତେ ଜଣେ ବାଲୁକାଶିଳ୍ପୀର ପରିଚୟ ଦେଇଛି।

-ବନବିହାରୀ

# ଗପ, କବିତା ଲେଖିବା ନିଶା ମୋତେ ଆନନ୍ଦ ଦିଏ



ନିପଟ ଗାଉଁଲି ମୁଲକର ଭାବ, ଭାଷା ଓ ଆବେଗକୁ ନେଇ ତାଙ୍କ କଥା କାହାଣୀର ସମ୍ଭାର। ସେମିତି ଜଣେ ସୃଜନଶୀଳ ସ୍ରଷ୍ଟା ହେଲେ **ବିଭୁ ହୋତା**। ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପାଟପୁର ଶାସନର କାବୁଅ ପଡ଼ାରେ। ସେ କୁହନ୍ତି, ଅଧ୍ୟାପକ ହୋଇ ଶିକ୍ଷାଦାନକୁ ବୃତ୍ତିଭାବେ ଗ୍ରହଣ କରିଥିବା ବେଳେ ପିଲାଦିନରୁ ଲେଖାଲେଖି କରିବା ନିଶା ମୋର ରହିଛି। ସରଳ ଗ୍ରାମ୍ୟ ଜୀବନରୁ ହିଁ ମୋତେ ଲେଖିବାକୁ ପ୍ରେରଣା ମିଳୁଛି। ରଚନା କରିଥିବା ପୁସ୍ତକ ମଧ୍ୟରେ -ରଙ୍ଗ ଛୁଆଁ, କଣ୍ଟା କୁମାର କଥା, ଜହ୍ନପା, ମାଣ ଜାଉ, ବୁଦ୍ଧାଏ ବସୁଧା, ଟାକୁଆ ଆଦି ଗଳ୍ପ ସଂକଳନ। ବିବର୍ତ୍ତନ, ନଈପିନ୍ଧେ ନୀଳ ଶାଢ଼ି କବିତା ବହି ଓ ନହକା ଆକାଶ, ସକାଳ ଆଡ଼କୁ ସୂର୍ଯ୍ୟଚିହ୍ନ, କାଳଦାସ, ଓ ଅନ୍ଧାରର ଆଁ ନାମରେ ଉପନ୍ୟାସ ପୁସ୍ତକ ପ୍ରକାଶିତ ହୋଇଛି। ରଚନା କରିଥିବା ପ୍ରତି ଲେଖାରେ ରହିଛି ସରଳ ଗାଉଁଲି ଶବ୍ଦ, ଗ୍ରାମୀଣ ଚିତ୍ର ଓ ଚରିତ୍ର ଆଦି। ଏଥିଯୋଗୁ ମତେ ଲାଗେ ମୋ ଭିତରେ କୌଣସି ଅଜଣା ଚରିତ୍ର ଯେମିତି ମୋତେ କିଛିକିଛି କଥା କହୁଛନ୍ତି। ଆଉ ସେସବୁକୁ ମୁଁ ଗଳ୍ପ, ଉପନ୍ୟାସ ଓ କବିତାରେ ରୂପ ଦେବାର ପ୍ରୟାସ କରିଥାଏ।

ଗଳ୍ପ ସଂକଳନ 'ଜହ୍ନପା ' ପାଇଁ ୨୦୨୩ରେ ମର୍ଯ୍ୟାଦାଜନକ 'କିଶୋରୀ ଚରଣ' ପୁରସ୍କାରପ୍ରାପ୍ତ ଯୁବ ଲେଖକ ବିଭୁ ହୋତା ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ପରିଚିତ ନାମ, ତାଙ୍କର ଅନ୍ୟଏକ ପୁସ୍ତକ 'ନହକା ଆକାଶ' ପାଇଁ ସେ ପାଇଛନ୍ତି 'ପେନ୍ ଇନ୍ ଯୁବ ଗାଳ୍ପିକ ସମ୍ମାନ ୨୦୨୨' ସମେତ ବହୁ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ମାନିତ ହୋଇଛି।

ତେବେ ଏସବୁ ସମ୍ମାନ ଓ ପୁରସ୍କାରରୁ ବେଶି ଭଲଲାଗେ ପାଠକୀୟ ସ୍ୱୀକୃତି। ଆଉ ତାହା ହିଁ ମତେ କଲମ ଚାଳନାରେ ଅଧିକ ପ୍ରେରଣା ଦେଇଥାଏ।






## ହାଃ ହାଃ

### ପରଧନ

ମନୋଜ ରାଜୁକୁ: ଝିଅମାନେ ଯଦି ପରଧନ,
ତା'ହେଲେ ପୁଅମାନେ କ'ଣ ?
ରାଜୁ:ନିଶ୍ଚିତଭାବେ ଚୋର ।
ମନୋଜ: କେମିତି ?
ରାଜୁ: କାହିଁକି ନା ଚୋରଙ୍କ ନଜର ସବୁବେଳେ
ପରଧନ ଉପରେ ଥାଏ ।

### ରାଣୀ

ଦିଅର ଭାଉଜକୁ ଫୋନ୍ କରି: ଭାଉଜ ତମେ ଭାରି
ସୁନ୍ଦର । ପୁରା ରାଣୀ ଭଳି ।
ଭାଉଜ ଖୁସି ହୋଇ: ସତରେ !
ଦିଅର: ହଁ, ଭାଉଜ ।
ଭାଉଜ : ହଉ ଛାଡ । ଏବେ କ'ଣ କରୁଛ କହିଲ ?
ଦିଅର:ଟାଇମ୍ ପାସ୍ ।

### ବାପା ହେଇଗଲୁ

ଜଣେ ବ୍ୟକ୍ତି ତାଙ୍କ ଶ୍ୱାଇଁଙ୍କୁ ଗାଳି କରୁଥାନ୍ତି ।
ଏହାଦେଖି ମୋହନ ବାବୁ: ନିଜ ଶ୍ୱାଇଁଙ୍କୁ କିଏ
କ'ଣ ଗାଳିଦିଏ ?
ବ୍ୟକ୍ତି: କ'ଣ ଆଉ କରିବି କହୁ ନାହାନ୍ତି, ମୁଁ
କାଲି ହସ୍ପିଟାଲରୁ ଶ୍ୱାଇଁଙ୍କୁ ମେସେଜ୍ ଦେଲି
'ତମେ ବାପା ହେଇଗଲ' । ଆଉ ମୋର ଏଇ
ଗୁଣବନ୍ତ ଶ୍ୱାଇଁ ଏଇ ମେସେଜ୍‌କୁ ୫୦ଜଣଙ୍କୁ
ଫରୱାର୍ଡ କରିଦେଇଛନ୍ତି ।

### ବିବାହ

ଓକିଲଙ୍କୁ ମହିଳା: ମୁଁ ସ୍ୱାମୀଙ୍କ ସହ ପୁଣିଥରେ
ବିବାହ କରିବାକୁ ଚାହୁଁଛି ।
ଓକିଲ: ସାତଦିନ ତଳେ ତ ଡିଭୋର୍ସ ନେଇଛନ୍ତି ।
ପୁଣିଥରେ ବାହା ହେବାକୁ ଚାହୁଁଛନ୍ତି । ହେଲେ
କାହିଁକି ?
ମହିଳା: ଡିଭୋର୍ସ ପରେ ସେ ବହୁତ ଖୁସି ଦେଖା
ଯାଉଛନ୍ତି । ଆଉ ଏଇଟା ମୁଁ ସହିପାରୁନି ।

### ହୋମ୍‌ୱାର୍କ

ଶିକ୍ଷକ ପପୁକୁ: ତୋ ହୋମ୍‌ୱାର୍କ କାଇଁ ?
ପପୁ: ମୁଁ ତ ସକାଳୁ ଆପଣଙ୍କୁ ଦେଇ ସାରିଛି ।
ଶିକ୍ଷକ: କ'ଣ ସକାଳୁ ଦେଇସାରିଲୁଣି ?
ହେଲେ ମୁଁ ତ ଜାଣିନି ।
ପପୁ: ଆପଣ ବୋଧେ ଫେସ୍‌ବୁକ୍ ଦେଖି ନାହାନ୍ତି । ମୁଁ
ହୋମ୍‌ୱାର୍କର ସ୍କ୍ରିନ୍‌ସଟ୍ ଅପଲୋଡ କରିଦେଇଛି । ଆଉ
ଆପଣଙ୍କୁ ଟ୍ୟାଗ୍ ବି କରିଦେଇଛି ।

# ବାଙ୍କୀ ଗଡ଼ର ବୀରା ରାଣୀ ଶୁକଦେଈ

-ସୁଷମା ପରିଡ଼ା



କଟକ ଜିଲାର ମହାନଦୀ ଅବବାହିକାସ୍ଥିତ ବାଙ୍କୀ ଭୂଖଣ୍ଡ ଐତିହ୍ୟର ଏକ ଐଶ୍ୱର୍ଯ୍ୟମୟ ପ୍ରତୀକ । ଏହାର ଇତିହାସ ବହୁ ପ୍ରାଚୀନ । ଐତିହାସିକ ମତ ଅନୁସାରେ ଶ୍ରୀ ବୀରଭଦ୍ର ଧଳ ( ୧୧୯୩ ଖ୍ରୀଷ୍ଟାବ୍ଦ) ହେଉଛନ୍ତି ବାଙ୍କୀର ପ୍ରଥମ କ୍ଷତ୍ରିୟ ରାଜା । ସେ ସମୟରେ ବାଙ୍କୀର ପଶ୍ଚିମ ସୀମା ଖଣ୍ଡପଡ଼ାକୁ ସଂଲଗ୍ନ ଥିବାବେଳେ ଏହାର ପୂର୍ବ ସୀମା ଆଠଗଡ଼ର ଅମଙ୍ଗେଇକୁଦ ପର୍ଯ୍ୟନ୍ତ ବିସ୍ତୃତ । ଏହାର ଉତ୍ତର ସୀମା ତିଗିରିଆକୁ ସଂଲଗ୍ନ ଥିବାବେଳେ ଦକ୍ଷିଣ ସୀମା ଖୋରଧାର ସିମର ପର୍ଯ୍ୟନ୍ତ ବ୍ୟାପ୍ତ ରହିଥିଲା । କଟକର ସଦର ମହକୁମାଠାରୁ ବାଙ୍କୀର ଦୂରତା ପ୍ରାୟ ପଚାଶ କିଲୋମିଟର ।

ବାଙ୍କୀ ଗଡ଼ର ରାଜା ଧନଞ୍ଜୟ ଶ୍ରୀଚନ୍ଦନଙ୍କ ପତ୍ନୀ ରାଣୀ ଶୁକଦେଈଙ୍କ ବୀରତ୍ୱ ଏବଂ ମହନୀୟତାର କାହାଣୀ ସାରା ଭାରତରେ ବାଙ୍କୀ ଗଡ଼ ଏବଂ ଓଡ଼ିଶା ରାଜ୍ୟର ଗର୍ବ ଏବଂ ଗୌରବର ଯେଉଁ ଡିଣ୍ଡିମ ପିଟି ଥିଲା ତାହା ଏ ଯାବତ ଅକ୍ଷୁଣ୍ଣ ରହିଛି । ବାଙ୍କୀ ଗଡ଼ର ରାଣୀ ଶୁକଦେଈଙ୍କ ବୀରତ୍ୱର ଗାଥାର ଉପଯୁକ୍ତ ପ୍ରଚାର ଓ ପ୍ରସାର ଅଭାବରୁ ଓଡ଼ିଶାର ଏହି ମହିମାମୟୀ ବୀରାଙ୍ଗନାଙ୍କୁ ଏଯାବତ ଯଥାଯୋଗ୍ୟ ସମ୍ମାନ ମିଳିପାରିନାହିଁ, ଯଦିଓ ତତ୍କାଳୀନ ଓଡ଼ିଶାର ଇତିହାସରେ ତାଙ୍କର ନାମ ଏକ ସଶ୍ରଦ୍ଧ ଉଚ୍ଚାରଣ । ରାଣୀ ଶୁକଦେଈ ତାଙ୍କ ପ୍ରତିପକ୍ଷ ଯୋଦ୍ଧାଙ୍କୁ ସମ୍ମୁଖ ରଣରେ ପରାସ୍ତ କରିବା ପରେ ମଧ୍ୟ ନିଜର ମହନୀୟତାରେ ତାଙ୍କ ଶତ୍ରୁକୁ ହତ୍ୟା ନ କରି କ୍ଷମାଦାନ କରି ସାରା ସଂସାରରେ ନାରୀ ଜାତିର ମହନୀୟତାର ନିଦର୍ଶନ ରଖିଛନ୍ତି । ସେଥିପାଇଁ ସେ ଓଡ଼ିଶା ଆଉ ଓଡ଼ିଆର ଧର୍ମ ଏବଂ ଗର୍ବର ପ୍ରତୀକ । ୧୬୮୬ ମସିହାର ଭାଦ୍ରବ ମାସ ଇନ୍ଦୁ ପୂର୍ଣ୍ଣିମା ଦିନ ଓଡ଼ିଶାର ବଡ଼ମ୍ବା ରାଜ୍ୟର ମହାରାଜା ଶ୍ରୀ ଶ୍ରୀ ବଳଭଦ୍ର ବୀରବର ମଙ୍ଗରାଜ ଏବଂ ମହାରାଣୀ ଜୟନ୍ତା ଦେବୀଙ୍କର କନ୍ୟା ସୁକନ୍ୟା ( ଡାକ ନାମ ଶୁକ) ଥିଲେ ପରମା ସୁନ୍ଦରୀ, ଅଶ୍ୱ ଏବଂ ଅସ୍ତ୍ର ଚାଳନାରେ ଧୂରିଣା । ୧୭୦୨ ମସିହାରେ ରାଜଜେମା ଶୁକଦେଈଙ୍କର ବିବାହ ହୋଇଥିଲା ବାଙ୍କୀର ରାଜା ଶ୍ରୀ ଧନଞ୍ଜୟ ଶ୍ରୀଚନ୍ଦନଙ୍କ ସହିତ ।


୧୭୨୦ ମସିହାର କଥା, ଗଜପତି ମହାରାଜାଙ୍କ ନିମନ୍ତ୍ରଣ ପାଇ ଅକ୍ଷୟ ତୃତୀୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନଯାତ୍ରା ଦର୍ଶନ କରିବା ଲାଗି ବାଙ୍କୀ ରାଜା ଧନଞ୍ଜୟ ଶ୍ରୀଚନ୍ଦନ ସସ୍ତ୍ରୀକ ପହଞ୍ଚିଲେ ପୁରୀରେ । ଖୋରଧାର ରାଜା ଗୋପୀନାଥ ଗଜପତି ଅପରୂପ ଲାବଣ୍ୟମୟୀ ରାଣୀ ଶୁକଦେଈଙ୍କର ସୌନ୍ଦର୍ଯ୍ୟରେ ମୋହିତ ହୋଇ ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇ ଉଠିଲେ । ବାଙ୍କୀର ରାଜଦମ୍ପତି ଫେରି ଯାଇ ନିଜ ରାଜ୍ୟରେ ପହଞ୍ଚିଲା ପରେ ପରେ ହିଁ ମିଳିଥିଲା ଖୋରଧା ରାଜା ଗୋପୀନାଥ ଗଜପତି ଦେବଙ୍କର ଧମକପୂର୍ଣ୍ଣ ସନ୍ଦେଶ... ରାଣୀ ଶୁକଦେଈଙ୍କୁ ଗଜପତି ମହାରାଜାଙ୍କୁ ସମର୍ପଣ କରି ସୁଖରେ ରୁହ, ଅନ୍ୟଥା ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ । ବାଙ୍କୀ ରାଜାଙ୍କ ପାଇଁ ଖୋରଧା ରାଜାଙ୍କ ଦୁଃସାହସ ଯେତିକି ଲଜ୍ଜାଜନକ ଥିଲା ସେତିକି ଅପମାନଜନକ ମଧ୍ୟ । ତେଣୁ ସେ କହିଲେ, 'ଆମର ଛୋଟ ରାଜ୍ୟ ହେଲେ ମଧ୍ୟ ନିଜର ଅସ୍ମିତା ରକ୍ଷାକରିବା ପାଇଁ ନିଜର ମୁଣ୍ଡ ଦେଇପାରୁ, ଅନ୍ୟର ମୁଣ୍ଡ ମଧ୍ୟ ନେଇପାରୁ । ଆପଣଙ୍କର ଯୁଦ୍ଧର ଆହ୍ୱାନ ସ୍ୱୀକାର କରୁଛୁ, ଏ ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ଯାଏ ରାଣୀ ଶୁକଦେଈଙ୍କୁ କେହି ସ୍ପର୍ଶ କରିପାରିବେ ନାହିଁ ।' କ୍ରୋଧିତ, ବ୍ୟଥିତ ହୋଇ ବାଙ୍କୀର ରାଜା ଗଜପତିଙ୍କ ଆହ୍ୱାନକୁ ସ୍ୱୀକାର କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ । ଖୋରଧା ରାଜା ଶ୍ରୀ ଗୋପୀନାଥ ଗଜପତିଦେବ ଅପମାନ ଜର୍ଜରିତ ହୋଇ ବାଙ୍କୀ ଗଡ଼କୁ ତୁରନ୍ତ ଆକ୍ରମଣ କରିବା ପାଇଁ ସୈନ୍ୟ ସାମନ୍ତ ଘେନି ଆଗେଇ ଆସିଲେ । ମହାନଦୀ କୂଳ ରଗଡିଗ୍ରାମଠାରେ ଦୁଇ ରାଜ୍ୟ ମଧ୍ୟରେ ଘମାଘୋଟ ଲଢେଇ ହେଲା । ଖୋରଧାର ବିପୁଳ ସୈନ୍ୟବାହିନୀ ଆଉ ଅସ୍ତ୍ରଶସ୍ତ୍ର ସମ୍ମୁଖରେ ବାଙ୍କୀ ଏବଂ ବଡମ୍ବାର ସଂଯୁକ୍ତ ସୈନ୍ୟବାହିନୀ ବେଶି ସମୟ ତିଷ୍ଠି ପାରିଲେନି । ପ୍ରବଳ ପରାକ୍ରମ ଲଢେଇ କରିବା ସତ୍ତ୍ୱେ ମଧ୍ୟ ଯୁଦ୍ଧରେ ନିହତ ହେଲେ ବାଙ୍କୀ ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ଶ୍ରୀଚନ୍ଦନଦେବ । ଯୁଦ୍ଧ କ୍ଷେତ୍ରରେ ଧନଞ୍ଜୟ ଶ୍ରୀଚନ୍ଦନଙ୍କ ମୃତ୍ୟୁ ପରେ ମଧ୍ୟ ବାଙ୍କୀର ସେନା ଯୁଦ୍ଧ ଜାରି ରଖିଥିଲେ । ରାଜାଙ୍କର ନିହତ ହେବା ଖବର ପହଞ୍ଚିଲା ରାଜଉଆସରେ । ଦୁଃଖରେ ଭାଙ୍ଗି ପଡିଲେ ମଧ୍ୟ ବୀରା ରାଣୀ ଶୁକଦେଈ ନିଜ ରାଜ୍ୟର ସମ୍ମାନ ରକ୍ଷା କରିବା ପାଇଁ ଆଗେଇ ଆସିଲେ । ପ୍ରଜାମାନଙ୍କୁ ଏକତ୍ରିତ କରି ସାହସ ଦେଲେ ଏବଂ ନିଜେ ବାହାରି ଆସିଲେ ସେନାର ନେତୃତ୍ୱ ନେବା ଲାଗି । ଶ୍ୱେତ ଅଶ୍ୱାରୋହୀ ସେଇ ବୀରାଙ୍ଗନାଙ୍କ ଅପୂର୍ବ ସାହସିକତା ଦେଖି ଦୁଇଗୁଣ ଶକ୍ତି ନେଇ ଲଢିଲେ ବାଙ୍କୀ ସେନା । ତାଙ୍କୁ ସହଯୋଗ କଲେ ବଡମ୍ବା, ତିଗିରିଆ, ଖଣ୍ଡପଡ଼ାର ରାଜା । ଖୋରଧାର କୁଶପଲ୍ଲାଠାରେ ଗୋପୀନାଥ ଗଜପତିଙ୍କ ସହ ରାଣୀ ଶୁକଦେଈଙ୍କ ମିଳିତ ସେନାର ଭୟଙ୍କର ଯୁଦ୍ଧରେ ସହସ୍ରାଧିକ ସୈନିକ ମୃତାହତ ହେଲେ । ବାଙ୍କୀ ସେନାପତି ବୀରା ରାଣୀ ଶୁକଦେଈ ଖୋରଧା ସେନାଙ୍କୁ ମା' ଦୁର୍ଗାଙ୍କ ଭଳି ପରାହତ କଲେ । ଯୁଦ୍ଧରେ ପରାଜିତ ହୋଇ ଖୋରଧା ରାଜା ଶ୍ରୀ ଗୋପୀନାଥ ଦେବ ଆତ୍ମସମର୍ପଣ କରି ବନ୍ଦୀ ହୋଇଥିଲେ ଏବଂ ନିଜର ପ୍ରାଣରକ୍ଷା ପାଇଁ ରାଣୀ ଶୁକଦେଈଙ୍କର ଶରଣ ପଶି ପ୍ରାର୍ଥନା କରିଥିଲେ ।

ଖୋରଧା ରାଜା ଗୋପୀନାଥ ଗଜପତିଙ୍କୁ ହତ୍ୟା କରାଯାଉ ବୋଲି ବିଜୟୋଲ୍ଲାସରେ ଉନ୍ମତ୍ତ ପ୍ରଜାମାନଙ୍କ ପ୍ରବଳ ଦାବି ସତ୍ତ୍ୱେ ମଧ୍ୟ ରାଣୀ ଶୁକଦେଈ ତାଙ୍କୁ ନିଜର ମହତ ଗୁଣ ହେତୁ କ୍ଷମା ଦେଇଥିଲେ । ସେ କହିଥିଲେ, ତାଙ୍କୁ ମୃତ୍ୟୁ ଦଣ୍ଡ ଦେଲେ ତାଙ୍କ ସ୍ତ୍ରୀ ସ୍ୱାମୀହରା ହେବେ । ଜଣେ ସ୍ୱାମୀହରାର ଜୀବନ କେତେ କଷ୍ଟକର, କେତେ ଦୁର୍ବିସହ ତାହା ମୁଁ ନିଜେ ଅନୁଭବ କରୁଛି । ତେଣୁ ମୁଁ ଚାହୁଁ ନାହିଁ ଆଉ ଜଣେ କେହି ମୋ' ଭଳି ଏଇ ଦୁଃଖ ସହୁ । ଶ୍ରୀଗୋପୀନାଥ ଗଜପତିଦେବ ରାଜା ବୁଝନ୍ତୁ ଯେ ନାରୀ ଅବଳା କି ଦୁର୍ବଳା ନୁହେଁ, ସେ ଦେବୀ ଦୁର୍ଗା, ମହାକାଳୀଙ୍କ ଭଳି ସଂହାରକାରିଣୀ, ଦୁଷ୍ଟ ନିବାରିଣୀ ମଧ୍ୟ । ସେ ଏଇ ଯୁଦ୍ଧରୁ ଶିକ୍ଷା ଲାଭ କରନ୍ତୁ, ନିଜର ଶକ୍ତିକୁ ପ୍ରଜା ପାଳନରେ, ନିଜର ରାଜ୍ୟକୁ ସୁରକ୍ଷା ଦେବାରେ ବିନିଯୋଗ କରନ୍ତୁ । ବନ୍ଦୀ ଅବସ୍ଥାରେ ମୁଣ୍ଡ ତଳକୁ ଝୁଙ୍କାଇ ଠିଆ ହୋଇଥିଲେ ଗୋପୀନାଥ ଗଜପତି ଦେବ । ରାଣୀ ଶୁକଦେଈଙ୍କର ଓଜସ୍ୱିନୀ କଥାଗୁଡିକ ତାଙ୍କର ମର୍ମକୁ ଭେଦି ଯାଉଥିଲା । ପଶ୍ଚାତ୍ତାପର ଅଶ୍ରୁ ଝରିପଡୁଥିଲା ତାଙ୍କର ଆଖିରୁ । ରାଣୀ ଶୁକଦେଈ ତାଙ୍କୁ ମୁକ୍ତ କରି ନିଜ ରାଜ୍ୟକୁ ଫେରାଇ ଦେଇଥିଲେ । ଶୁକଦେଈଙ୍କର ଜୟଜୟକାରରେ କମ୍ପିତ ହୋଇଥିଲା ଗଗନପବନ । ସ୍ୱାମୀଙ୍କ ମୃତ୍ୟୁ ପରେ ରାଜ୍ୟର ଶାସନ ଭାର ନେଇ ସୁଶାସନର ପରାକାଷ୍ଠା ଦେଖାଇଥିବା ବାଙ୍କୀର ଏହି ବୀରା ରାଣୀ ଶୁକଦେଈଙ୍କର ମୃତ୍ୟୁ ହୋଇଥିଲା ୧୭୨୬ ମସିହା ମାଘ ପଞ୍ଚମୀ ତିଥିରେ । ଏହି ଅପରାଜିତା ରାଣୀଙ୍କର କଥା କାଳକାଳକୁ ଲିପିବଦ୍ଧ ହୋଇ ରହିଗଲା ଓଡ଼ିଶାର ଇତିହାସରେ ।

*-ଶାରଳା ଭବନ, ପୋତାପୋଖରୀ,*
*ନୂଆବଜାର, କଟକ ମୋ: ୯୩୩୭୨୭୨୬୪୭*




# ମନୋରମ ପର୍ଯ୍ୟଟନସ୍ଥଳୀ
# କାନାତାଲ



**କାନାତାଲ ହେଉଛି ଏକ ଛୋଟ କିନ୍ତୁ ମନ ମୋହିନେଲା ଭଳି ଶୈଳନିବାସ; ଯାହାକି ଉତ୍ତରାଖଣ୍ଡରେ ଅବସ୍ଥିତ। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ଶୈଳନିବାସରେ ପର୍ଯ୍ୟଟକ ବହୁ ଉଚ୍ଚ ଉଚ୍ଚ ପାହାଡ଼ ସାଙ୍ଗକୁ ଦେବଦାରୁ ଜଙ୍ଗଲ ତଥା ରୋଡୋଡେନ୍ଡ୍ରୋନ ଗଛର ଅପୂର୍ବ ଶୋଭାକୁ ମନଭରି ଉପଭୋଗ କରିପାରିବେ...**







ଉତ୍ତରାଖଣ୍ଡସ୍ଥିତ ଏକ ଆକର୍ଷଣୀୟ ହିଲ୍‌ଷ୍ଟେଶନ ହେଉଛି କାନାତାଲ। ଦେବଦାରୁ ଗଛ ତଥା ରୋଡୋଡେନ୍ଡ୍ରୋନ ଗଛରେ ପରିପୂର୍ଣ୍ଣ ଥିବା ବହୁ ଉଚ୍ଚ ଉଚ୍ଚ ପାହାଡ଼ର ଅପୂର୍ବ ଦୃଶ୍ୟ ଦେଖିବା ଏଠି ବେଶ୍ ମନୋରମ ଲାଗେ। ତା'ସାଙ୍ଗକୁ ଏଠାରେ ବହୁତ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ ବି ରହିଛି। ଏଥିସହିତ ବହୁ ଦୁଃସାହସିକ କାର୍ଯ୍ୟକଳାପ ଯେମିତିକି ଜଙ୍ଗଲ ସଫାରୀ, ରକ୍ କ୍ଲାଇମ୍ବିଂ, ରାପେଲିଂ ପାଇଁ ମଧ୍ୟ ଏଠାରେ ବେଶ୍ ସୁବିଧା ଉପଲବ୍ଧ ଥିବାରୁ ପର୍ଯ୍ୟଟକ ଏଠାକୁ ଆସିବାକୁ ଖୁବ୍ ପସନ୍ଦ ବି କରିଥାନ୍ତି।

## କ'ଣ ଦେଖିବେ

* **ଟୀହରି ଡ୍ୟାମ୍:** ଏହା ହେଉଛି କାନାତାଲ ନିକଟସ୍ଥ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ।

ଏହି ଡ୍ୟାମ୍ ଚାରିପାଖର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ସେଥିପାଇଁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏହି ଡ୍ୟାମ୍ ପରିଦର୍ଶନରେ ଆସୁଥିବା ସୂଚନା ରହିଛି।

* **ଟୀହରି ହ୍ରଦ:** ଏହା ଏକ କୃତ୍ରିମ ହ୍ରଦ; ଯାହାକୁ ଟୀହରି ଡ୍ୟାମ୍ ନିର୍ମାଣ କରିବା ସମୟରେ ତିଆରି କରାଯାଇଥିବା ସୂଚନା ରହିଛି। ଏଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂର ସୁବିଧା ଉପଲବ୍ଧ ଅଛି।

* **ସୁରକଣ୍ଡା ଦେବୀ ମନ୍ଦିର:** ଉତ୍ତରାଖଣ୍ଡରେ ବହୁ ପ୍ରାଚୀନ ତଥା ଐତିହାସିକ ମନ୍ଦିର ଥିବାର ଦେଖାଯାଏ। ତନ୍ମଧ୍ୟରୁ ସୁରକଣ୍ଡା ଦେବୀ ମନ୍ଦିର ହେଉଛି ଅନ୍ୟତମ। ଏହା ଏକ ଶକ୍ତିପୀଠ; ଯାହାକି କାନାତାଲଠାରୁ ମାତ୍ର କିଛି କି.ମି ଦୂରରେ ଅବସ୍ଥିତ। ଏହି ମନ୍ଦିର ନିକଟରୁ ହୀମାଳୟ ପର୍ବତର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ବେଶ୍ ମନୋରମ ଲାଗିଥାଏ।

* **କୋଡ଼ିଆ ଜଙ୍ଗଲ:** ଏହା ଏକ ଶାନ୍ତିପୂର୍ଣ୍ଣ ବନକ୍ଷେତ୍ର ଅଟେ। ଜଙ୍ଗଲର ପ୍ରାକୃତିକ ଦୃଶ୍ୟ ସାଙ୍ଗକୁ ଟ୍ରେକିଂର ମଜା ନେବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହି ଜଙ୍ଗଲରେ ପର୍ଯ୍ୟଟକ ବିଭିନ୍ନ ବନ୍ୟଜୀବ ସାଙ୍ଗକୁ ବହୁ ସଂଖ୍ୟାରେ ଜଙ୍ଗଲୀ ପକ୍ଷୀ ଦେଖିବାର ମଧ୍ୟ ସୁଯୋଗ ପାଇପାରିବେ। ଜିପ୍ ସଫାରୀ ପାଇଁ ବି ଏଠାରେ ସୁବିଧା ରହିଛି।

* **କାର୍ନିବଲ କ୍ୟାମ୍ପ:** କାନାତାଲ ନିକଟସ୍ଥ ଏହା ଏକ ଆକର୍ଷଣୀୟ ସ୍ଥାନ; ଯେଉଁଠାରେ ପର୍ଯ୍ୟଟକଙ୍କୁ ରାତି ବିତାଇବା ପାଇଁ କ୍ୟାମ୍ପିଂର ସୁବିଧା ପ୍ରଦାନ କରାଯାଇଥାଏ। ଥଣ୍ଡା ପବନ ସାଙ୍ଗକୁ ଉଚ୍ଚ ଉଚ୍ଚ ପାହାଡ଼ର ଅପୂର୍ବ ଦୃଶ୍ୟ ଏଠାକାର ମାହୋଲକୁ ଆହୁରି ସୁନ୍ଦର କରିଦିଏ। ପର୍ଯ୍ୟଟକ ନିଜ ବଜେଟ୍ ଅନୁସାରେ ଏଠାରେ କ୍ୟାମ୍ପିଂର ସୁବିଧା ନେଇପାରିବେ।


* **ଇକୋ ପାର୍କ:** କାନାତାଲରେ ଇକୋ ପାର୍କ ବି ରହିଛି; ଯାହାର ଶାନ୍ତ ବାତାବରଣ ଓ ଅପୂର୍ବ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ।

## ଦୁଃସାହସିକ ପର୍ଯ୍ୟଟନର ମଜା

ଏଠାରେ ଟ୍ରେକିଂ, ରକ୍ କ୍ଲାଇମ୍ବିଂ, ରାପେଲିଂ, ଜଙ୍ଗଲ ସଫାରୀ ଭଳି ଦୁଃସାହସିକ କାର୍ଯ୍ୟକଳାପ ପାଇଁ ବେଶ୍ ସୁବିଧା ରହିଥିବାରୁ ପର୍ଯ୍ୟଟକଙ୍କୁ ଖୁବ୍ ପସନ୍ଦ ଆସିଥାଏ। ପର୍ଯ୍ୟଟକ ଏଠାରେ ଜଙ୍ଗଲ ରାସ୍ତାରେ ବୁଲିବା ସାଙ୍ଗକୁ, ନଦୀ କୂଳରେ ବସି ଖାଇପାରିବେ, ମଖମଲୀ ଘାସ ବଗିଚାରେ ଚାଲିପାରିବେ ତଥା ପାହାଡ଼ି ଛେଳିଙ୍କୁ ପାହାଡ଼ ଉପରେ ବିଚରଣ କରୁଥିବାର ଅପୂର୍ବ ଦୃଶ୍ୟକୁ ମଧ୍ୟ ଦେଖିପାରିବେ।

## କେବେ ଓ କେମିତି ଯିବେ

କାନାତାଲକୁ ବୁଲିଯିବା ପାଇଁ ଏପ୍ରିଲରୁ ଜୁନ୍ ହେଉଛି ସବୁଠୁ ଭଲ ସମୟ। କେହି କେହି ଶୀତ ଦିନେ ବି ଏଠାକୁ ସ୍ନୋ ଫଲ୍ ଦେଖିବାକୁ ଯାଇଥାନ୍ତି। କିନ୍ତୁ ବେଳେବେଳେ ଅଧିକ ସ୍ନୋ ଫଲ୍ ଯୋଗୁ ରାସ୍ତାଘାଟ ଜାମ୍ ହୋଇ ବନ୍ଦ ହୋଇଯିବାର ପରିସ୍ଥିତି ଉପୁଜିଥାଏ। ତେଣୁ ଶୀତଦିନକୁ ଛାଡ଼ି ବାକି ଅନ୍ୟ ସମୟରେ ଏଠାକୁ ବୁଲିଯିବା ପାଇଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ତରଫରୁ ପରାମର୍ଶ ଦିଆଯାଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଜୋଲିଗ୍ରାଣ୍ଟ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ପ୍ରମୁଖ ବିମାନବନ୍ଦର। ସେହପରି ଋଷିକେଶ ରେଲଓ୍ବେଷ୍ଟେଶନ ହେଉଛି କାନାତାଲର ନିକଟତମ ରେଳଷ୍ଟେଶନ। ତା'ଛଡ଼ା ଦିଲ୍ଲୀରୁ ବି ସିଧାସଳଖ କାନାତାଲ ଯିବା ପାଇଁ ସଡ଼କପଥର ସୁବିଧା ବି ରହିଛି।





# ମୋନାଲିସାର ରହସ୍ୟ

**ମହାନ୍ ଦାର୍ଶନିକ ତଥା ଚିତ୍ରକର ଲିଓନାର୍ଡୋ ଦା ଭିନ୍ସିଙ୍କ ମୋନାଲିସା ପେଣ୍ଟିଂ ସାରା ପୃଥିବୀରେ ଚର୍ଚ୍ଚିତ। ଏହା ଯେ କେବଳ ଚର୍ଚ୍ଚିତ ତାହା ନୁହେଁ, ବରଂ ଅନେକଙ୍କ ପାଇଁ ଏକ ରହସ୍ୟ ମଧ୍ୟ। ଏହି ପେଣ୍ଟିଂ ଉପରେ ଅନେକ ଗବେଷଣା ହୋଇଛି ଓ ହେଉଛି ମଧ୍ୟ । ସେଇ ରହସ୍ୟ ସମ୍ପର୍କରେ...**

ମୋନାଲିସା ପେଣ୍ଟିଂ ହେଉଛି ପୃଥିବୀର ସବୁଠାରୁ ଦାମୀ ପେଣ୍ଟିଂ ମଧ୍ୟରେ ଅନ୍ୟତମ, ଯାହାର ମୂଲ୍ୟ ପ୍ରାୟ ୬.୪ହଜାର କୋଟି ଟଙ୍କା। ଲିଓନାର୍ଡୋ ଦା ଭିନ୍ସି ଏହାକୁ ୧୫୦୩ ମସିହାରେ ତିଆରି କରିବା ଆରମ୍ଭ କରି ଶେଷ କରିଥିଲେ ୧୫୧୭ ମସିହାରେ। ମୋନାଲିସା ଓଠକୁ ତିଆରି କରିବା ଲାଗି ଲିଓନାର୍ଡୋଙ୍କୁ ବେଶି ପରିଶ୍ରମ କରିବାକୁ ପଡ଼ିଥିଲା। ପ୍ରାୟ ୧୨ ବର୍ଷ ଲାଗିଯାଇଥିଲା ଏହାକୁ କାନ୍ଭାସ୍‌ରେ ଉତାରିବାକୁ। ଏହି ରହସ୍ୟମୟ ହସ ଉପରେ ଅନେକ ଗବେଷକ ଗବେଷଣା କରାଯାଇଛି। କୁହାଯାଏ ମୋନାଲିସାର ହସ ଅଲଗା ଅଲଗା ଏଙ୍ଗଲରୁ ଅଲଗା ଦେଖାଯାଏ। ଗୋଟିଏ ଏଙ୍ଗଲରୁ ଏହା ହସିବା ଭଳି ଦେଖାଯାଏ ତ ଅନ୍ୟ ଏଙ୍ଗେଲରୁ ହସ ଫିକା ପଡ଼ିଲା ଭଳି ଦେଖାଯାଏ। ତା'ଛଡ଼ା ପେଣ୍ଟିଂକୁ ତିଆରିକରିବା ଲାଗି ୩୦ରୁ ଅଧିକ ଲେୟର ବ୍ୟବହାର କରାଯାଇଥିଲା, ଯାହାମଧ୍ୟରୁ କିଛି ମଣିଷର କେଶଠାରୁ ବି ସୂକ୍ଷ୍ମ ଥିଲା। ପେଣ୍ଟିଂ ଦେଖିବାକୁ ବଡ଼ ଲାଗେ। ହେଲେ ଆକାରରେ ବହୁତ ଛୋଟ। ଏହାର ଦୈର୍ଘ୍ୟ ୩୦ ଇଞ୍ଚ, ପ୍ରସ୍ଥ ୨୦ ଇଞ୍ଚ ଓ ଓଜନ ୮ କି.ଗ୍ରା.। ଏହାକୁ କାଗଜ କି କାନ୍ଭାସ୍‌ରେ ନୁହେଁ ବରଂ ପୋପ୍‌ଲାର କାଠ ଉପରେ ଅଏଲ ପେଣ୍ଟରେ ତିଆରି କରାଯାଇଥିଲା। ପେଣ୍ଟିଂଟି ସମ୍ପୂର୍ଣ୍ଣ ହେବା ଲାଗି ୧୪ ବର୍ଷ ଲାଗିଯାଇଥିଲା।

**ମୋନାଲିସାର ହସ:** କୁହାଯାଏ ଲିଓନାର୍ଡୋ ଯେଉଁ ମହିଳାଙ୍କ ପେଣ୍ଟିଂ ମୋନାଲିସା ଆକାରରେ ଉତାରିଥିଲେ ସେ ମହିଳା ଜଣକ ନିଜ ଭିତରେ କିଛି ରହସ୍ୟ ଲୁଚାଇ ରଖିଥିଲେ। ତେଣୁ ମୋନାଲିସାର ହସ ବି ରହସ୍ୟମୟ ଲାଗେ। ୨୦୦୦ ମସିହାରେ ହାର୍ଭାର୍ଡର ଜଣେ ନ୍ୟୁରୋସାଇଣ୍ଟିଷ୍ଟ ମୋନାଲିସାର ଏହି ପେଣ୍ଟିଂ ଉପରେ ଗବେଷଣାକରି ଜାଣିବାକୁ ପାଇଛନ୍ତି ଯେ, ମୋନାଲିସାର ହସ କେବେ ବଦଳି ନ ଥାଏ। ବରଂ ଦେଖୁଥିବା ବ୍ୟକ୍ତିଙ୍କ ମାନସିକତା ଦେଖିବା ସମୟରେ ଯେପରି ଥାଏ ତାଙ୍କୁ ତାହା ସେହିଭଳି ଦେଖାଯାଏ। ଯଦି ବ୍ୟକ୍ତି ଖୁସି ଥାଆନ୍ତି ମୋନାଲିସା ହସୁଥିବା ଭଳି ଦେଖାଯାଏ। ଆଉ ଦୁଃଖୀ ଥିଲେ ମୋନାଲିସାର ହସ ଫିକା ପଡ଼ିଗଲା ଭଳି ଲାଗେ।

**ମୋନାଲିସା କିଏ :**ଆଜି ଯାଏ ଜଣାପଡ଼ି ନାହିଁ କି ମୋନାଲିସା କିଏ ଥିଲେ ? ଅର୍ଥାତ୍ ଯେଉଁ ଯୁବତୀଙ୍କ ପେଣ୍ଟିଂ ଲିଓନାର୍ଡୋ କରିଥିଲେ ସେ କିଏ ଥିଲେ। କିଛି ଥିଓରି କହେ ମୋନାଲିସା ଆଉ କେହି ନୁହେଁ, ବରଂ ଲିଓନାର୍ଡୋ ନିଜେ। ଲିଓନାର୍ଡୋ ନିଜକୁ ଜଣେ ମହିଳାଭାବେ ପେଣ୍ଟିଂ କରିଥିଲେ। ହେଲେ ପ୍ରକୃତ କଥା ଏବେ ବି ରହସ୍ୟ ଘେରରେ। ଲିଓନାର୍ଡୋ ଚିତ୍ରକର ସହ ଜଣେ ବିଶିଷ୍ଟ ଲେଖକ ବି ଥିଲେ। ହେଲେ ସେ ନିଜର ଏହି ପେଣ୍ଟିଂ ସମ୍ବନ୍ଧରେ କିଛି ଲେଖି ନାହାନ୍ତି।

**କେମିତି ହେଲା ଚର୍ଚ୍ଚିତ:** ମୋନାଲିସା ପେଣ୍ଟିଂ ଆରମ୍ଭରୁ ପ୍ରସିଦ୍ଧ ନ ଥିଲା। ଏହାକୁ ପ୍ରସିଦ୍ଧି ସେତେବେଳେ ମିଳିଲା ଯେବେ ଏହା ପ୍ୟାରିସ୍‌ର ଲ୍ୟୁଭ୍ରେ ମ୍ୟୁଜିୟମରୁ ଚୋରି ହୋଇଗଲା। ୧୯୧୧ ମସିହା ୨୧ ଅଗଷ୍ଟରେ ପେଣ୍ଟିଂଟି ଚୋରି ହୋଇଥିଲା। ଏତେ ବଡ଼ ସଂଗ୍ରହାଳୟରୁ ଚୋରିହେବା ବହୁତ ବଡ଼ କଥା ଥିଲା। ଆଉ ଏକ ରୋଚକ କଥା ହେଉଛି ଏହାର ଚୋରି ପଛରେ ପ୍ରଥମ ସନ୍ଦେହ ପାବ୍‌ଲୋ ପିକାସୋଙ୍କ ଉପରକୁ ଯାଇଥିଲା। ହେଲେ ପଚରାଉଚରା ପରେ ତାଙ୍କ ଉପରୁ ଚୋରିର ଆରୋପ ହଟାଇଦିଆଗଲା। ଅନେକ ଯାଞ୍ଚ ପରେ ଜଣାଗଲା ମ୍ୟୁଜିୟମର ଜଣେ କର୍ମଚାରୀ ଭିନ୍‌ସେଞ୍ଜୋ ପେରୁଗିୟା ଏହାକୁ ଚୋରି କରିଥିଲେ। ସେ ଏହି ପେଣ୍ଟିଂକୁ ପୁଣିଥରେ ଇଟାଲୀ ନେଇଯିବାକୁ ଚାହୁଁଥିଲେ। କାରଣ ତାଙ୍କ ମତରେ ସେହି ପେଣ୍ଟିଂଟି ଇଟାଲୀର ସମ୍ପତ୍ତି। ଏହାପରେ ମୋନାଲିସା ପେଣ୍ଟିଂକୁ କିଛିଦିନ ଇଟାଲୀରେ ରଖାଯିବା ପରେ ପୁଣି ଥରେ ସଂଗ୍ରହାଳୟରେ ରଖି ଦିଆଗଲା। ଆଉ ଚୋରି କରିଥିବା ଭିନ୍‌ସେଞ୍ଜୋଙ୍କୁ ୬ ମାସର ଦଣ୍ଡ ଦିଆଯାଇଥିଲା। ହେଲେ ଇଟାଲୀର ଲୋକେ ଭିନ୍‌ସେଞ୍ଜୋଙ୍କୁ ଦେଶଭକ୍ତ କୁହନ୍ତି।

**ଟୁଇନ୍ ପେଣ୍ଟିଂ:** ମୋନାଲିସାର ଏକ ଟୁଇନ୍ ପେଣ୍ଟିଂ ବି ଅଛି, ଯାହାକି ମାଡ୍ରିଡ୍‌ର ମୁସିଓ ଡେଲ ପ୍ରାଦୋ ସଂଗ୍ରହାଳୟରେ ଦେଖିବାକୁ ମିଳେ। କୁହାଯାଏ ଲିଓନାର୍ଡୋ ଦା ଭିନ୍ସି ମୋନାଲିସା ପେଣ୍ଟିଂ କରିବା ସମୟରେ ଫ୍ରାନ୍ସିସ୍କୋ ମେଲ୍‌ଜି ନାମକ ଲିଓନାର୍ଡୋଙ୍କର ଜଣେ ଛାତ୍ର ଏହାକୁ ତିଆରି କରିଥିଲେ।

**ସ୍ଥାନାନ୍ତର ଓ ଆକ୍ରମଣ:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୋନାଲିସା ପେଣ୍ଟିଂକୁ ୬ ଥର ତା' ସ୍ଥାନରୁ ସ୍ଥାନାନ୍ତର କରାଯାଇଥିଲା। ଯେମିତିକି ଏହା ଜର୍ମାନୀଙ୍କ ହାତରେ ନ ପଡ଼େ। ଏହି ପେଣ୍ଟିଂକୁ ନଷ୍ଟକରିବାକୁ ଅନେକ ଥର ଚେଷ୍ଟା କରାଯାଇଛି। ୧୯୫୬ ମସିହାରେ ଜଣେ ପର୍ଯ୍ୟଟକ ଏହା ଉପରକୁ ପଥର ଫୋପାଡ଼ିଥିଲେ। ଫଳରେ ପେଣ୍ଟିଂର ବାମ ହାତରେ ଦାଗ ପଡ଼ିଗଲା, ଯାହାକୁ ପରେ ଠିକ୍ କରାଗଲା। କେବଳ ସେତିକି ନୁହେଁ, ଜଣେ ବ୍ୟକ୍ତି ତ ଏହି ପେଣ୍ଟିଂ ଉପରକୁ ଏସିଡ୍ ଫୋପାଡ଼ିଥିଲେ। ଏହାପରେ ପେଣ୍ଟିଂକୁ ବୁଲେଟ୍ ପ୍ରୁଫ୍ ଫ୍ରେମ୍‌ରେ ରଖାଗଲା। ଜଣେ ମହିଳା ଏହା ଉପରକୁ ଲାଲ ସ୍ପ୍ରେ ବି ପକାଇଥିଲେ।



# ସବୁଠୁ ଅଧିକ ଟି-ଶାର୍ଟ ପିନ୍ଧି ରେକର୍ଡ




ଶୀତଦିନେ ଯେତେବେଳେ ଶୀତ ଅସହ୍ୟ ହୁଏ ଅନେକେ ଏକରୁ ଅଧିକ ପୋଷାକ ପିନ୍ଧନ୍ତି। ଏଇ ଯେମିତି ଟି-ଶାର୍ଟ ଉପରେ ଶାର୍ଟ, ଶାର୍ଟ ଉପରେ ସ୍ୱେଟର। ହେଲେ ଜଣେ ବ୍ୟକ୍ତି ଶୀତ ପାଇଁ ନୁହେଁ ବରଂ ରେକର୍ଡ ପାଇଁ ଏକାଧିକ ଟି-ଶାର୍ଟ ପିନ୍ଧିଛନ୍ତି। ସେ ହେଉଛନ୍ତି ଟେଡ୍ ହେଷ୍ଟିଙ୍ଗସ୍। ସେ ଗୋଟାକ ଉପରେ ଗୋଟେ ୨୬୦ ଟି-ଶାର୍ଟ ପିନ୍ଧି ଗିନିଜ୍ ୱାର୍ଲଡ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ମିଡିୟମରୁ ୨୦ଏକ୍ସ ସାଇଜ୍‌ର ଟି-ଶାର୍ଟ ପିନ୍ଧିଥିଲେ। ତାଙ୍କୁ ଟି-ଶାର୍ଟ ପିନ୍ଧାଇବା ପାଇଁ ଅନେକ ଲୋକ ସାହାଯ୍ୟ ବି କରୁଥିଲେ। ଏତେ ଟି-ଶାର୍ଟ ପିନ୍ଧିବା ପରେ ସେ ଏକ ବଡ଼ କପଡ଼ାର ବଲ୍ ଭଳି ଦେଖାଯାଉଥିଲେ। ଏମିତିକି ତାଙ୍କ ମୁଣ୍ଡ ବି ଏତେସଂଖ୍ୟକ ଟି-ଶାର୍ଟ ଭିତରେ ଲୁଚିଯାଉଥିଲା। କେହି କେହି ତାଙ୍କୁ ଡିଜ୍‌ନୀ ଫିଲ୍ମ 'ବିଗ୍ ହିରୋ ୬'ର ବେମ୍ୟାକ୍ସଙ୍କ ଭଳି ଦେଖାଯାଉଥିବା କହୁଥିଲେ। ୨୦ଏକ୍ସ ସାଇଜର ଟି-ଶାର୍ଟ ପ୍ରଥମ ଥର ପାଇଁ କୌଣସି ବ୍ୟକ୍ତି ପିନ୍ଧିଥିଲେ। ହେଷ୍ଟିଙ୍ଗସ୍ ଥରେ ନିଜ ପିଲାମାନଙ୍କ ସହ ଗିନିଜ୍ ୱାର୍ଲଡ ରେକର୍ଡ୍ସର ପ୍ରୋଗ୍ରାମ ଦେଖିବାବେଳେ ପିଲାମାନେ ହେଷ୍ଟିଙ୍ଗସ୍‌ଙ୍କୁ ଏମିତି ୱାର୍ଲଡ ରେକର୍ଡ କରିବାକୁ ପ୍ରୋତ୍ସାହିତ କରିଥିଲେ। ହେଷ୍ଟିଙ୍ଗସ୍ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କଲେ। ଆଉ ଗିନିଜ୍ ୱାର୍ଲଡ ରେକର୍ଡ୍ସରେ ସ୍ଥାନ ପାଇଲେ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଇଉଜ ଆଣ୍ଡ ଥ୍ରୋ

ପ୍ରାୟ ପଚିଶ ବର୍ଷର ପୁରୁଣା ଫ୍ରିଜ୍‌କୁ ପୁଣିଥରେ ରିପ୍ୟାରିଂ କରିବା ଦେଖି ଭେଣ୍ଡିଆ ନାତି କହିଲା, ହେ ଜେଜେ ! କାହିଁକି ତାକୁ ମରାମତି କରୁଛ ? ନୂଆ ରେଫ୍ରିଜେରେଟର କିଣ, ହଉ ବରଂ କୋଡିଏ-ପଚିଶ ହଜାର ଖର୍ଚ୍ଚ ! ତା' ବୁଦ୍ଧିକି ତାରିଫ କରି ଧନ୍ୟବାଦ ଦେଲି । ଗୋଟାଏ କାହାଣୀ ଶୁଣେଇ କହିଲି,- ଥରେ ଜଣେ ଧନୀ ଘର ବୋହୂ ପାହାନ୍ତାରୁ ଉଠି ଯାଉଯାଉ ଦେଖିଲା, ଆଖି କି ଭଲ ଦିଶୁ ନ ଥିବା ଜଣେ ବୃଦ୍ଧ-ସାଧୁ ରାସ୍ତାରେ ବସି କ'ଣ ଉଣ୍ଡାଳୁଛନ୍ତି । ବୋହୂଟି ପଚାରିଲା, ବାବା ! କ'ଣ ଖୋଜୁଛନ୍ତି ? ସାଧୁ କହିଲେ, ନିତ୍ୟକର୍ମ ସାରିବାକୁ ପାଣି-ଗଡୁ ଧରି ଯାଉଥିଲି, ରାସ୍ତାରେ ଝୁଣ୍ଟି ପଡ଼ିଯିବାରୁ ହାତରୁ ଗଡୁ କେଉଁଠି ପଡ଼ିଗଲା, ଅନ୍ଧାରରେ ପାଉନାହିଁ । ବୋହୂଟି ଗଡୁ ଖୋଜି ତାଙ୍କ ହାତରେ ଦେଲାବେଳେ ଦେଖିଲେ ସେଇ ଗଡୁର ନାଡ଼ ଭାଙ୍ଗିଯାଇଛି । ସେ ସାଧୁଙ୍କୁ ଅନୁରୋଧ କଲା, ଏଇ ଗଡୁ ଫିଙ୍ଗି ଦିଅନ୍ତୁ, ମୁଁ ଆପଣଙ୍କୁ ନୂଆ ନାଡ଼ଥିବା ଗଡୁ କିଣିଦେବି । ମାତ୍ର ସାଧୁ ମନାକରି କହିଲେ... ନା ମା' । ମୋ ଜୀବନରେ ଅନେକ ଜିନିଷ, ଅନେକ ମଣିଷ ଆସିଛନ୍ତି, ମାତ୍ର ସମସ୍ତେ ମୋତେ ଛାଡ଼ି ଚାଲିଯାଇଛନ୍ତି । ହେଲେ ଏଇ ଗଡୁ ଯେହେତୁ ମୋତେ ନ ଛାଡ଼ି ଆଜିଯାଏ ସେବା ଦେଇଆସୁଛି, ତାହାର ନାଡ଼ ଭଙ୍ଗା ହେଲେବି, ମୁଁ କ'ଣ ତାକୁ ଛାଡ଼ି ପାରୁଛି ! ସେଇ ବୋହୂଟି ଯେଉଁ ଭୁଲ୍ କର୍ମ କରିବାକୁ ଯାଉଥିଲା, ସାଧୁଙ୍କ କଥାରେ ଆଉ ଆଗକୁ ନ ଯାଇ, ସାଧୁଙ୍କୁ ପ୍ରଣାମ କରି ତା' ଘରକୁ ଫେରିଆସିଲା । କହିଲି ନାତିରେ ! ଯେଉଁ ଫ୍ରିଜ୍ ଜଡ଼ ଯନ୍ତ୍ର ହେଲେବି, ଆମକୁ ଏତେଦିନ ସେବା ଯୋଗେଇଲା, ତାକୁ ଫିଙ୍ଗିବାକୁ ହାତ ଯାଉନି, କି ମୋ ବିବେକ କହୁନି । ଏଇ କେତେବର୍ଷ ହେଲା ମଣିଷ 'ଇଉଜ ଆଣ୍ଡ ଥ୍ରୋ' ବୁଦ୍ଧିକି ଆପଣେଇ ଯେଉଁ ମାର୍ଗରେ ଧାଉଁଛି, ତା' ପରିଣାମ ମୋତେ ଜଳଜଳ ଦିଶୁଛି । ଆଜିକାଲି ଘରେ ହେଉ କି ବାହାରେ, ହୋଟେଲରେ ଅବା ଭୋଜିଭାତରେ, ସମସ୍ତେ ଥରେ ବ୍ୟବହାର କରି ଯେମିତି ଗିନା, ଥାଳି, ପ୍ଲାଷ୍ଟିକ ଗ୍ଲାସ, ପାଣି ବୋତଲ, ପଲିଥିନ ଇତ୍ୟାଦି ପକେଇ, ସଭ୍ୟ-ଶିକ୍ଷିତ ଦେଖେଇ ହେଉଛନ୍ତି । ଏପରିକି ଲୁଗାପଟା, ରେଡିଓ, ଟିଭି, ଗ୍ରାଇଣ୍ଡର, ୱାଶିଂମେଶିନ, ଫ୍ରିଜ, ଏସି, କୁଲର, କମ୍ପ୍ୟୁଟର ପର୍ଯ୍ୟନ୍ତ କିଛିଦିନ ବ୍ୟବହାର କଲାପରେ କବାଡିଆବାଲାଙ୍କୁ ବିକୁଛନ୍ତି କିମ୍ବା ରାସ୍ତା କଡରେ କୁଢ଼େଇ ଚାଲି ଯାଉଛନ୍ତି । ପରବର୍ତ୍ତୀ ସମୟରେ ଏହିସବୁ ଫିଙ୍ଗିଥିବା କାଗଜ, ପ୍ଲାଷ୍ଟିକ ଥାଳି, ଗିନା, ବୋତଲ, କପ୍ ଇତ୍ୟାଦି ଡ୍ରେନ୍ ଜାମ କରୁ କରୁ ଆମ ବ୍ରେନ୍‌କୁ ବି ଜାମ୍ କରି ବର୍ଷାରେ କୃତ୍ରିମ ବନ୍ୟାରେ କଲବଲ କଲାଣି ତ ପରିବେଶକୁ ପ୍ରଦୂଷଣରେ ଭରିଲାଣି । ହେଲେ ସେଥିପାଇଁ ଆମର ନିଘା ନାହିଁ । ଇଏ ତ ଗଲା ଜଡ଼-ନିର୍ଜୀବ ଜିନିଷ କଥା । ଏଇ ଫୋପଡ଼ା ବୁଦ୍ଧି, ଆମର ଏମିତି ସଂସ୍କାରଗତ ହୋଇସାରିଲାଣି ଯେ, ଆଜିକାଲି ସ୍ୱାମୀ-ସ୍ତ୍ରୀ, ପ୍ରେମିକା-ପ୍ରେମିକ ବି କିଛିବର୍ଷ ପରେ ପରସ୍ପରକୁ ଛାଡ଼ି ଦେଉଛନ୍ତି । ମାତାପିତାଙ୍କ ବାର୍ଦ୍ଧକ୍ୟ ଅବସ୍ଥା ଆସିଲେ... ତାଙ୍କୁ ସେବା କରିବେ କ'ଣ, ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି । କିନ୍ତୁ ଭାବୁଛନ୍ତି ଆଉ ଭୁଲିଯାଉଛନ୍ତି ଯେ- ଆମର ଏ ବ୍ୟବହାର ଆମ ପିଲାମାନଙ୍କୁ ଜମା ସଂକ୍ରମିତ ହେବନାହିଁ କି ଆମ ପିଲା କେବେ ବି ଆମ ସହିତ କରିବେ ନାହିଁ! କିନ୍ତୁ ଏମିତି କ'ଣ ହୁଏ । ଯାହା



ପିଲାଙ୍କୁ ବତେଇବ, ଶିଖେଇବ ପିଲା ସେୟା ହିଁ ତ କରିବେ । ଅବଶ୍ୟ ସମସ୍ତଙ୍କୁ ଆମେ ଗୋଟିଏ ନିକିତିରେ ତଉଲିବା ନାହିଁ । ଆମ ଭିତରେ ବି ଏମିତି କିଛି ହୃଦୟବାନ ମଣିଷ ଅଛନ୍ତି, ଯେଉଁମାନେ ନିଜ ପୁତ୍ରକନ୍ୟାଙ୍କ ଦ୍ୱାରା ଅବହେଳିତ ହୋଇ ଆଖିରୁ ଲୁହ ଗଡ଼ଉଛନ୍ତି, ସେମାନଙ୍କ ଆଖିରୁ ଏମାନେ ଲୁହ ପୋଛି ଦେବା ସହ ସେମାନଙ୍କୁ ସାହାରା ଦେଉଛନ୍ତି । ଆଉ ମନ୍ଦିର ଯିବା ବଦଳରେ ସେମାନଙ୍କ ଭିତରେ ଭଗବାନଙ୍କୁ ଖୋଜୁଛନ୍ତି । କିନ୍ତୁ ସେମାନଙ୍କ ନିଜ ପିଲାମାନେ ମା'ବାପାଙ୍କୁ ପଛେ ନ ପଚାରନ୍ତୁ ମନ୍ଦିରକୁ ଯାଇ ମା' ମା' ଡାକି ସମସ୍ତଙ୍କ ଆଗରେ ବଡ଼ ଭକ୍ତ ବୋଲାନ୍ତି । ଆମେ ପଦ-ପଦବୀର ଅହଂକାର ବଳରେ ନିଜକୁ ଏତେ ବଳୀୟାନ୍ ଭାବି ଦୃଢ଼ ନିଶ୍ଚିତ ହୋଇଯାଇଛୁ ଯେ, ଆମେ ଆଉ ବୁଢ଼ା-ବୁଢ଼ୀ, ରୋଗା-ରୋଗୀ କେବେ ହେବୁନାହିଁ । ଆମେ କୋଟିକୋଟି ଟଙ୍କା ଖର୍ଚ୍ଚକରି ଆମ ପିଲାଙ୍କୁ ଯେମିତି ଦାମୀ ଖାଦ୍ୟ ଖୁଆଇ, ବହୁମୂଲ୍ୟ ଜ୍ଞାନ ତାଙ୍କ ଭିତରେ ପୂରେଇଛୁ, ସେମାନଙ୍କ ଦ୍ୱାରା ଆମେ କେବେ ବି ଆମ ମାତାପିତାଙ୍କ ପରି ଅବହେଳିତ ହେବୁନାହିଁ-ଭାବି ସାରିଛୁ । ଭଲ ଭଲ । ଏମିତି ଦୃଢ଼ ବିଶ୍ୱାସ ରହିବା ଭାରି ଭଲକଥା । ଆମ କୃତ କୁକର୍ମ ପାଶୋରି ନିଘୋଡ଼ ନିଦରେ ଶୋଇ ସୁଖ ସପନ ଦେଖିବା, ଚିନ୍ତାଶୂନ୍ୟ ହେବା, ଆନନ୍ଦର କଥା । କିଏ କେମିତି ବାଉଳାରେ ଲେଖିଥିଲେ କେଜାଣି.. ଯୈସେ କର୍ନି ୱୈସେ ଭର୍ନି, ବା ଯେଉଁ ଗଛ ରୋଇ, ସେଇ ଫଳ ଖାଇ ! ଏଗୁଡ଼ା ଆମକୁ ଡୁଛାରେ ଡରେଇବାକୁ ସିନା ! ଏଇକଥା ବୁଝିଥିବାରୁ ସିନା ଆଜିକାଲି ପୁଅଝିଅମାନେ କେତେ 'ଇଉଜ ଆଣ୍ଡ ଥ୍ରୋ' ସଂସ୍କୃତି ଆପଣେଇ, ଲିଭଇନ୍‌ରୁ ବ୍ରେକ୍‌ଅପ୍ କାହିଁ କେତେଥର କରି ପୁଣି ନୂଆ ଖୋଜି ସମ୍ପର୍କ ବାନ୍ଧୁଛନ୍ତି, ଛାଡୁଛନ୍ତି, ଯୋଡୁଛନ୍ତି । ଆଉ ଅକାଳରେ ବୀରପରି ଆତ୍ମହତ୍ୟା କରି ମରୁଛନ୍ତି ! ହେଲେ ଛାଡ଼ିବା ପରେ ନୂଆ ବୋଲି ଯୋଉ ସାଥୀ ପାଉଛନ୍ତି, ସିଏ ଆଉ କେତେଥର ବର୍ଜିତ ପୁରୁଣା ଉପରେ ହୋଇଛି ନୂଆ କଲର, ସେଇଟା କିଏ କ'ଣ ଦେଖୁଛି ? ହଁ ଜାଣିଲେ ଫୋପାଡ଼... ପୁଣି କର ଯୋଗାଡ଼ ! ଆହା ବିଚରା ଆଗକାଳିଆ କି ବୋକାଲୋକ ଥିଲେ କେଜାଣି, ଜଣେ ଜଣଙ୍କ ସାଥିରେ ସାରା ଜୀବନ ହେଉଥିଲେ ଘଣି ! ଆମ ନୂଆ ଫୋପଡ଼ା ତରିକାରେ ଘଣା ପକେଇ ମରିବୁ, ବଂଶ ବୁଡ଼ି ଅପଯଶ ଅରଜିବୁ ସିନା, ହେଲେ ଆମ ଭଲପାଇବା ସୀମିତ ନ ରଖି, ଅସୀମ କରିବୁ... ନୂଆ ଜମାନାରେ ଆଗେଇଯିବୁ ।

ଆମେ ପ୍ରଭୁ ଗଣେଶ କି ମା' ଦୁର୍ଗାଙ୍କୁ ଯେମିତି ଜାକଜମକରେ ପୂଜା କରୁ, ଧୂମ୍‌ଧାମ୍‌ରେ ବାଜା ବଜାଇ, ବାଣ ଫୁଟାଇ ନାଚି ନାଚି ବିସର୍ଜନ ପାଇଁ ନେଉ । ଆଉ ବିସର୍ଜନବେଳେ କିନ୍ତୁ ମୂର୍ତ୍ତି ଉପରେ ଚଢ଼ି, ତାଙ୍କୁ ଗନ୍ଧିଆ ପୋଚରା ନାଳ-ନର୍ଦ୍ଦମାରେ ଫୋପାଡ଼ି ଦେଉ । ଯେଉଁ ଶିକ୍ଷକଙ୍କଠାରୁ ବିଦ୍ୟା ହାସଲ କଲାପରେ ବି ତାଙ୍କୁ ମନଇଚ୍ଛା ଅସମ୍ମାନ କରିପାରୁ, ଫାଇଦା ଉଠେଇଲା ପରେ ଗୋରୁ ଗାଈ ହଡ଼ାଙ୍କୁ ଟଙ୍କା ଲୋଭରେ କଂସେଇ କି ବିକ୍ରି କରିପାରୁ, ତେବେ ମା'ବାପା ବାର୍ଦ୍ଧକ୍ୟରେ ପହଞ୍ଚିବା ପରେ ମୋହମାୟା ତୁଟେଇ ତାଙ୍କୁ ଫିଙ୍ଗିବାକୁ କ'ଣ ଆମ ପାଇଁ ଆଉ ଗୋଟେ ବଡ଼ କଥା । ନା ନା । ଆମେ ପରା ସଭ୍ୟ-ସାହସୀ-ସରସା-ମଣିଷ ବୋଲି 'ଇଉଜ ଆଣ୍ଡ ଥ୍ରୋ'ରେ ବେଶି ବିଶ୍ୱାସ ଓ ଭରସା କରୁ । ଆମ ବଂଶଧରଙ୍କୁ ପିଲାମାନଙ୍କୁ ଆମ ପଥରେ ଯିବାକୁ ଆଚରଣରେ ଉତ୍ସାହିତ କରୁ !


ଏତେକଥା ଶୁଣେଇଲା ପରେ ଶେଷରେ ପଚାରିଲି କହିଲୁ, କଅଣ ବୁଝିଲୁ ନାତି ? ଲମ୍ବା ନିଃଶ୍ୱାସ ପକେଇ, ଫିଲୋସଫରଙ୍କ ପରି କି ଫିଲ୍ କଲା କେଜାଣି, କହିଲା ଜେଜେ ! ଆମେ ଯୋଉ ପାଠରେ ଯୋଉ ବାଟରେ ଯାଉଛୁ, ଜ୍ଞାନ ଆଲୁଅ ଜାଳିବାକୁ ଯାଇ, ଯେବେ ଏଇ କଥାର ଅସଲ ମଞ୍ଜ ଭଲରେ ନ ବୁଝିଲୁ, ତେବେ ଅକାଳରେ ଦେଶରେ ଡାକିଆଣିବୁ ଘନଘୋର ରାତି ! ହାତୀ ଭାବି ଜାବୁଡ଼ି ଧରିଥିବୁ, ଆମ୍ପୁଡ଼ା କାମୁଡ଼ା ପାତି ।

-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଗୀତିଝର (ଗୀତି କବିତା ସଂକଳନ)

ଲେଖକ- ସ୍ୱାଧୀନ ମହାନ୍ତି, ଫୁଲନଖରା, କଟକ
ମୂଲ୍ୟ-୧୨୦/-





୯୫ଟି ମନୋଜ୍ଞ ଗୀତି କବିତାର ସଂକଳନ 'ଗୀତିଝର' ପୁସ୍ତକଟି ଆମର ହସ୍ତଗତ ହୋଇଛି । ଏଥିରେ ସନ୍ନିବେଶିତ ଭାବ ଓଦା ଓଦା ଅନ୍ତରଙ୍ଗତା ସହ ପାଠକଟିକୁ କୋଳେଇ ନେବାର ଅପେକ୍ଷା ରଖେ । ସ୍ୱଚ୍ଛ, ସାବଲୀଳ ଓ ପ୍ରାଣଛୁଆଁ କବିତା ଗୁଡିକ ପ୍ରେମ, ପ୍ରତାରଣା ଆଉ ବିଚ୍ଛେଦ ଭିତର ଦେଇ ଗତି କରିବା ସହିତ ପାଠକଙ୍କୁ ଏକ ଅଜଣା ରାଇଜକୁ ନେଇଯାଏ । ପ୍ରତ୍ୟେକ କବିତାରେ କବି ସ୍ୱୟଂ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ନାୟିକାକୁ ଖୋଜିଛନ୍ତି ପ୍ରଣୟ ସ୍ପର୍ଶର ଅନନ୍ୟ ଶିହରଣରେ ଶିହରିତ ହୋଇ । ଗାଁ ଦାଣ୍ଡରୁ ସରି ଆସୁଥିବା ଗୋଧୂଳି ଓ ବାଟ ଭୁଲିଯାଇଥିବା ମଳୟ ପରି ଗୀତିକବିତା ଗୁଡିକ ତନ୍ମନକୁ ପୁଲକିତ କରୁଛି । ପ୍ରେମର ପ୍ରତାରଣା ପରେ ପ୍ରେମିକ ଭାଙ୍ଗିପଡି ନାହିଁ ବରଂ କବି ତାକୁ ସ୍ଥିତପ୍ରଜ୍ଞ ସ୍ତରକୁ ନେଇଯାଇ ତା' ମୁହଁରେ କୁହାଇଛନ୍ତି - ତୁମେ ଥିବାବେଳେ ସତେ ଅବା ଚାନ୍ଦ ଖସି ପଡୁଥିଲା ହାତେ, ଏବେ କାହିଁ ଆଉ ସେ ଚାନ୍ଦକୁ ଦେଖି ଭଲ ଲାଗୁନାହିଁ ମତେ, ଜିତିବା ହାରିବା ସବୁ ଏକା ପରି ହୋଇଅଛି ମୋ ପାଇଁ । ପ୍ରେମିକା ବୁଦେଇ ଗଲା ପରେ ଭାବକୁ ଆଉ ନ ବଢାଇବା ନିମନ୍ତେ କାମନା କରି କବି କଲମରୁ ଝରି ପଡିଛି- ଅଜାଣତେ ଆମ ମମତା ଲାଗିଲା କିଛି ଜାଣି ହେଲା ନାହିଁ, ଅନେକ ବାଟ ତ ଆଗେଇ ଗଲେଣି ଆଉ ଫେରି ହେଉନାହିଁ, ଯେତିକି ଆଗକୁ ଆଗେଇଛେ ଆମେ ସେତିକିରେ ସିଏ ରହୁ । କବିତା ପୁସ୍ତକଟି ସଭିଙ୍କ ହୃଦୟକୁ ନିଶ୍ଚେ ଛୁଇଁବାର ଆଶା କରାଯାଏ ।

### ଦିବ୍ୟାଲୋକ ସନ୍ଧାନେ

(ଧର୍ମ, ତତ୍ତ୍ୱ, ସମ୍ବାଦ ଓ ସଂସ୍କାରମୂଳକ ଆଧ୍ୟାତ୍ମିକ ପତ୍ରିକା), ଅକ୍ଟୋବର-ଡ଼ିସେମ୍ବର, ୨୦୨୫ ସଂଖ୍ୟା ମୁଖ୍ୟ ସମ୍ପାଦକ - ଡଃ ଶରତ କୁମାର ରଥ, ତେଲେଙ୍ଗାପେଣ୍ଠ, କଟକ ମୂଲ୍ୟ : ୩୦/-

ଦୀର୍ଘ ୨୪ ବର୍ଷ ହେଲା ନିୟମିତ ପ୍ରକାଶିତ ହୋଇ ଆସୁଥିବା ଓଡ଼ିଶାର ଲୋକପ୍ରିୟ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ଚଳିତ ସଂଖ୍ୟାରେ ଜ୍ୟୋତିଷ ବିଚାର ସ୍ତମ୍ଭରେ ଆଗାମୀ ନିର୍ବାଚନରେ ବିହାର, ପଶ୍ଚିମବଙ୍ଗରେ କିଏ ଜୟଲାଭ କରି ନିରଙ୍କୁଶ ସରକାର ଗଢ଼ିବ, ଟ୍ରମ୍ପଙ୍କ ରାଜନୀତି ଶେଷ ହୋଇଯିବା ସହ ଆଗାମୀ ଦିନରେ ଆମେରିକା ଖଣ୍ଡ ବିଖଣ୍ଡିତ ହୋଇଯିବାର ଭବିଷ୍ୟବାଣୀ ସ୍ଥାନ ପାଇଛି । ଏତଦ୍ବ୍ୟତୀତ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର, ଡଃ ଅଭିମନ୍ୟୁ ବରାଳ, ଡଃ ଛାୟାକାନ୍ତ ଷଡ଼ଙ୍ଗୀ, ଛନ୍ଦା ମିଶ୍ର, ଅନନ୍ତ ଗୋପାଳ ପଣ୍ଡା, କୁଞ୍ଜ ବିହାରୀ ସାହୁ, ରାଜେନ୍ଦ୍ରପ୍ରସାଦ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, କାଞ୍ଚି ନାରାୟଣ ମହାନ୍ତି, ଲିଙ୍ଗରାଜ ମହାନ୍ତି, ଅର୍ଜୁନୀ ଚରଣ ବେହେରା, ବୈକୁଣ୍ଠନାଥ ମିଶ୍ର ଏବଂ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପରି ପ୍ରତିଷ୍ଠିତ ଲେଖକମାନଙ୍କ ଗବେଷଣାତ୍ମକ ଅଧ୍ୟାତ୍ମ ଲେଖାଗୁଡିକ ସ୍ଥାନିତ ହୋଇଛି । ଏତଦବ୍ୟତୀତ ନିୟମିତ ସ୍ତମ୍ଭ ନାରାୟଣ... ଶ୍ରୀମନ ନାରାୟଣ, ଶ୍ରୀସନ୍ନ୍ୟାସୀ ଜୀଙ୍କ ବହୁଳ ପଠିତ ସ୍ତମ୍ଭ 'ସିଂହଦ୍ୱାର' ମୁଁ କାହିଁକି ସାଧୁ ହେଲି.., ପୁସ୍ତକ ସମୀକ୍ଷା, ହିନ୍ଦୁ ତୁମେ ହୁଅ ଜାଗ୍ରତ, କାର୍ଟୁନରେ ପତ୍ରିକାଟି ସଜ୍ଜା ହୋଇଛି । ଅଧ୍ୟାତ୍ମପ୍ରେମୀଙ୍କୁ ପତ୍ରିକାଟି ଛୁଇଁବ ବୋଲି ଆଶା କରାଯାଏ ।




### ଏବଂ ସେ ଉପତ୍ୟକା ନିରବ ରହିଲା


ମୂଳ ଇଂରାଜୀ - ଡକ୍ଟର ରାହୁଲ ମାଗାଜିନ୍
ଭାଷାନ୍ତର- ଡକ୍ଟର ସନ୍ଧ୍ୟାରାଣୀ ଦାଶ
ପ୍ରକାଶକ- ସାବର ଆଣ୍ଡ କୁଇଲ୍ ପବ୍ଲିଶର୍ସ
ନୂଆଦିଲ୍ଲୀ, ମୂଲ୍ୟ- ୫୯୯ଟଙ୍କା




ପୁସ୍ତକରେ ୧୫ଟି ବିଷୟରେ ଆଲୋଚନା କରାଯାଇଛି । ନଦୀମାନଙ୍କର ରାଜାଠାରୁ ଆରମ୍ଭ କରି ସଂକ୍ରମିତ କ୍ଷତ ପର୍ଯ୍ୟନ୍ତ ବିଷୟ ରହିଛି । ଅନେକ ବର୍ଷ ଧରି କାଶ୍ମୀର ଉପତ୍ୟକାରେ ହୋଇ ଆସିଥିବା ସନ୍ତ୍ରାସବାଦୀ କାର୍ଯ୍ୟକଳାପର ବିସ୍ତୃତ ପଟ୍ଟଭୂମି ଉପରେ ଏହା ଆଧାରିତ । ପୁସ୍ତକଟି ଆତ୍ମକଥନ ଶୈଳୀରେ ଲେଖକଙ୍କର କୈଶୋର ସମୟରେ ଅଙ୍ଗେ ନିଭାଇଥିବା ଆଶା, ଆଶଙ୍କା, ଆତଙ୍କ, ଦୁର୍ଘଟଣା ସମନ୍ୱିତ ଘଟଣାବଳୀର ଜୀବନ୍ତ ଅବତାରଣା । ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଭୟାବହ ପରିଣତି, ନିଜ ମାତୃଭୂମିରୁ ଚିରଦିନ ପାଇଁ ବିଦାୟ ନେଇ ନିଜ ଦେଶରେ ଶରଣାର୍ଥୀ ଜୀବନ ଜୀଇଁବାର ଦୁଃଖ, କ୍ଷୋଭ, ଗ୍ଲାନି ଏବଂ ତତ୍‌କ୍ଷଣାତ୍ ନିଜ ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା ସ୍ୱାଭିମାନ ଏବଂ ନୈତିକତା ଯାହା ସେମାନଙ୍କ ଆତଙ୍କବାଦ ବିରୋଧରେ ଅସ୍ତ୍ର ଉଠାଇବାରୁ ନିବୃତ୍ତ କରିଥିଲା । ଅତ୍ୟାଚାର କରିଥିବା ଲୋକଙ୍କୁ ଅବଜ୍ଞା କରି ସେମାନେ ନିଜ ମାଟି ପରିତ୍ୟାଗ କରି ଚାଲି ଆସିଥିଲେ ସତ, ମାତ୍ର ନିଜ ବିଶ୍ୱାସକୁ ପରିତ୍ୟାଗ କରି ନ ଥିଲେ । ପୁସ୍ତକଟି ସେହି ନିର୍ବାସିତ ଲୋକଙ୍କ ସାହସ ଓ ଦୃଢ଼ ସଂକଳ୍ପ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ।

# ନିଶ ଥିବା ମାଙ୍କଡ଼

ମାଙ୍କଡ଼, ବିଭିନ୍ନ ପ୍ରଜାତିର ଅଛନ୍ତି । ସେଥିରୁ କିଛି ପ୍ରଜାତିର ମାଙ୍କଡ଼କୁ ଅନେକେ ଦେଖିଥିବେ । ହେଲେ ଏ ହେଉଛି ଏମିତି ଏକ ମାଙ୍କଡ଼ ପ୍ରଜାତି ଯାହା ସମ୍ପର୍କରେ ଅନେକେ ଜାଣି ନାହାନ୍ତି । ଏହି ମାଙ୍କଡ଼ ଦେଖିବାକୁ ବେଶ୍ କଉତୁକିଆ । କାରଣ ଏହାର ମୁହଁରେ ମୋଟାମୋଟା ଧଳାରଙ୍ଗର ନିଶ ଅଛି । ଆଉ ଏହାର ନାଁ ହେଉଛି ସମ୍ରାଟ୍ ତାମାରିନ୍ ମାଙ୍କଡ଼ । ଏହାର ନାମକରଣ ଜର୍ଜ ସମ୍ରାଟ ୱିଲହେମ୍ ଦ୍ୱିତୀୟଙ୍କ ନାମାନୁସାରେ କରାଯାଇଛି ।  ଜର୍ଜ ସମ୍ରାଟ୍ ୱିଲହେମ ଦ୍ୱିତୀୟଙ୍କର ଯେଉଁଭଳି  ଧଳା ନିଶ ଥିଲା ଏହି ମାଙ୍କଡ଼ର ସେହିଭଳି ନିଶ ଅଛି । ସେଥିପାଇଁ ଏହାର ନାମକରଣ ଏଭଳି ହୋଇଛି । ସମ୍ରାଟ୍ ତାମାରିନ୍ ମାଙ୍କଡ଼ର ନିଶଗୁଡ଼ିକ ଧଳା



ଓ ବେଶ୍ ଲମ୍ବା ଲମ୍ବା ହୋଇଥାଏ । ଏହାର ଛୋଟିଆ ମୁହଁକୁ ନିଶ ବେଶ୍ ମଜାଦାର ଦେଖାଯାଏ । ଏହି ମାଙ୍କଡ଼ ଖାସ୍‌କରି ଦକ୍ଷିଣ ଆମେରିକାର ଜଙ୍ଗଲରେ ଦେଖିବାକୁ ମିଳନ୍ତି । ୯-୧୦ ଇଞ୍ଚର ଏହି ଛୋଟ ଆକାରର ମାଙ୍କଡ଼ ୪ରୁ ୨୦ଜଣିଆ ଗ୍ରୁପ୍‌ରେ ରହେ । ଆଉ ପ୍ରତ୍ୟେକ ଗ୍ରୁପ୍‌ର ଦାୟିତ୍ୱ ଜଣେ ବୟସ୍କ ମାଈ ମାଙ୍କଡ଼ ନିଅନ୍ତି । ଏହା ବ୍ରାଜିଲ, ପେରୁର ବର୍ଷାବଣରେ ବି ଦେଖାଯାଆନ୍ତି । ଏମାନେ ସବୁ ଖାଆନ୍ତି । ଅର୍ଥାତ୍ ପତ୍ର,ଫଳଠୁ ଆରମ୍ଭକରି କୀଟପତଙ୍ଗ, ଛୋଟ ସରୀସୃପ ଓ ଅଣ୍ଡା ଇତ୍ୟାଦି ଖାଆନ୍ତି । ଏହାବାଦ ଏହାର ଆକାର ଛୋଟ ହୋଇଥିବା ଯୋଗୁ ପରଭକ୍ଷୀଙ୍କ ଭୟ ବି ଏମାନଙ୍କୁ ଲାଗି ରହେ ।  ଏମାନଙ୍କର ଦ୍ୱିବର୍ଣ୍ଣୀ ଦୃଷ୍ଟିଶକ୍ତି ଥାଏ । ଫଳରେ ଏମାନେ ନିଜ ଆଖପାଖର ଦୁନିଆକୁ ଦୁଇ ରଙ୍ଗରେ ଦେଖିପାରନ୍ତି । ଏମିତିକି ଛଦ୍ମବେଶରେ ଥିବା ପରଭକ୍ଷୀଙ୍କୁ ବି ଦେଖିପାରନ୍ତି । ହେଲେ ଏହି ସୁନ୍ଦର ମାଙ୍କଡ଼ର ପ୍ରଜାତି ଏବେ କମିବାରେ ଲାଗିଛି ।

ବ୍ୟାକ୍ ପେଜ୍







# ପାଣି ଭିତରେ ୨୯ ମିନିଟ୍

ମଣିଷ ଜିଇ ରହିବା ଲାଗି ବାୟୁ ଓ ଜଳ ଉଭୟ ଜରୁରୀ । ବିନା ପାଣିରେ ତ ମଣିଷ କିଛି ସମୟ ଜିଇପାରେ । ହେଲେ ବିନା ବାୟୁରେ କିଛି ମିନିଟ୍ ଜିଇବା ବି ଅସମ୍ଭବ । ହେଲେ କେତେଜଣ  ମଣିଷ ଅଛନ୍ତି ଯେଉଁମାନେ ଅଭ୍ୟାସକରି ୧-୨ ମିନିଟ୍ ପର୍ଯ୍ୟନ୍ତ ଶ୍ୱାସ ଅଟକାଇ ବିନା ବାୟୁରେ ରହିପାରୁଛନ୍ତି । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି ୧-୨ ମିନିଟ୍ ନୁହେଁ ବରଂ ପୂରା ୨୯ ମିନିଟ୍ ପର୍ଯ୍ୟନ୍ତ ଶ୍ୱାସ ଅଟକାଇ ରହିପାରନ୍ତି । ସେ ହେଉଛନ୍ତି କ୍ରୋଏସିଆର ଫ୍ରିଡାଇଭର



ଭିଟୋମିର ମାରିଚିକ । ସେ ପାଣି ଭିତରେ ୨୯ ମିନିଟ୍ ୩ ସେକେଣ୍ଡ ପର୍ଯ୍ୟନ୍ତ ଶ୍ୱାସ ଅଟକାଇ ରହିବାର ବିଶ୍ୱ ରେକର୍ଡ କରିଛନ୍ତି । ପୂର୍ବେ ଏହି ରେକର୍ଡ କ୍ରୋଏସିଆର ବୁଦିମୀର ସୋବତଙ୍କ ନାଁରେ ଥିଲା । ସେ ୨୪ ମିନିଟ୍ ଶ୍ୱାସ ଅଟକାଇ ବିଶ୍ୱ ରେକର୍ଡ କରିଥିଲେ । ହେଲେ ଭିଟୋମିର ଆଉ ୫ ମିନିଟ୍ ଅଧିକ ସମୟ ଶ୍ୱାସ ଅଟକାଇ ନୂଆ ରେକର୍ଡ କଲେ । ଭିଟୋମିରଙ୍କ ଭଳି ଫ୍ରିଡାଇଭରମାନେ ରେକର୍ଡ ପାଇଁ ଡାୟାଫ୍ରାମିକ ବ୍ରିଦିଂ ବା ପେଟରୁ ଶ୍ୱାସ ନେବା ପଦ୍ଧତି , ତା'ସହ କାର୍ଡିଓ ଏବଂ ଧ୍ୟାନର ସାହାରା ନିଅନ୍ତି । ପାଣି ଭିତରେ ଅଧିକ ସମୟ ଯାଏ ଶ୍ୱାସ ଅଟକାଇବା ଆଦୌ ସହଜ କଥା ନୁହେଁ ।  କାରଣ ପାଣି ଭିତରେ ଶ୍ୱାସ ଅଟକାଇଲେ ରକ୍ତରେ ଅମ୍ଳଜାନ ମାତ୍ରା କମିଯାଏ । ଆଉ କାର୍ବନ ଡାଇଅକ୍ସାଇଡ୍ ସ୍ତର ବଢ଼ିଯାଏ । ଫଳରେ ବ୍ୟକ୍ତିଙ୍କ ମୁଖ୍ୟ ମାଂସପେଶୀ ସଙ୍କୁଚିତ ହେବାକୁ ଲାଗେ, ଯାହାକି ଆପଣଙ୍କୁ ଶ୍ୱାସନେବା ପାଇଁ ବାଧକରେ । ପାଣି ଭିତରେ ଏହି ସ୍ଥିତି ବହୁତ ବିପଜ୍ଜନକ । ଏମିତିରେ ଭିଟୋମିରଙ୍କ ଭଳି ଫ୍ରିଡାଇଭରଙ୍କୁ ଖାସ୍ ତାଲିମ ନେବାକୁ ପଡ଼େ । ଯଦ୍ୱାରାକି ସେମାନେ ପାଣି ଭିତରେ ଅଧିକ ସମୟ ଯାଏ ଶ୍ୱାସ ଅଟକାଇପାରିବେ । ଭିଟୋମିର ସାମାନ୍ୟଭାବେ ୮-୧୦ ମିନିଟ୍ ଯାଏ ଶ୍ୱାସ ଅଟକାଇପାରନ୍ତି । ରେକର୍ଡ କରିବା ଲାଗି ସେ ୧୦ ମିନିଟ୍ ଖାସ୍ ପଦ୍ଧତିରେ ଶ୍ୱାସ ନେଇଥିଲେ  । ଫଳରେ ତାଙ୍କ ରକ୍ତରେ ଅମ୍ଳଜାନ ସ୍ତର ୫ ଗୁଣା ବଢ଼ିଯାଇଥିଲା । ଆଉ ସେ ପାଣି ଭିତରେ ଅଧିକ ସମୟ ଯାଏ ଶ୍ୱାସ ଅଟକାଇ ରହିପାରିଲେ ।



# ଗ୍ରୁପ୍ ସ୍କିପିଂ ଖେଳି ରେକର୍ଡ

ସ୍କିପିଂ ଅନେକଙ୍କ ପାଇଁ ଏକ ଖେଳ ଅବା ବ୍ୟାୟାମର ଏକ ମାଧ୍ୟମ ହୋଇପାରେ । ହେଲେ ଜାପାନର କେତେଜଣ ପିଲା ଏହାକୁ ନେଇ ୱାର୍ଲଡ ରେକର୍ଡ କରିଛନ୍ତି । ଜାପାନର ପ୍ରାଥମିକ ସ୍କୁଲରେ ପଢୁଥିବା ୧୨ ଜଣ ପିଲା ଗୋଟିଏ ସିଙ୍ଗଲ ସ୍କିପିଂ ରୋପ୍‌ରେ ୧ ମିନିଟ୍‌ରେ ୨୩୦ ଥର ଡେଇଁ ଏହି ରେକର୍ଡ କରିଛନ୍ତି । ଉକ୍ତ  ରେକର୍ଡ କରିବା ଲାଗି ୧୨ ଜଣ ପିଲା ଏକ ଟିମ୍ କରିଥିଲେ । ପିଲାଙ୍କ ବୟସ ୮ରୁ ୧୨ ବର୍ଷ ଭିତରେ ଥିଲା । ଏମାନେ ବିରାମ ନ ନେଇ ଲଗାତାର ସ୍କିପିଂ ରୋପ୍‌ରେ ଡେଉଁଥିଲେ । ଏହି ରେକର୍ଡ କରିବା ପାଇଁ ପିଲାମାନେ ପୂର୍ବରୁ କଠିନ ପରିଶ୍ରମକରି ଖୁବ୍ ଅଭ୍ୟାସ କରିଥିଲେ । ୨ ଜଣ ଦୁଇପଟୁ ସ୍କିପିଂର ଦଉଡ଼ି ଧରି ବୁଲାଉଥିବାବେଳେ ଅନ୍ୟ ପିଲା ଜଣ ଜଣକରି ଲାଇନରେ ଆସି ଡେଉଁଥିଲେ । ଏହି ପିଲାଙ୍କ ଭିତରୁ କେତେଜଣ ଆଗରୁ ସ୍କିପିଂକୁ ନେଇ ରେକର୍ଡ କରିସାରିଥିଲେ । ପୁନଃ ଏହି ରେକର୍ଡ ପାଇଁ ସେମାନେ ପ୍ରୟାସ କରୁଥିଲେ । ଶେଷରେ ସମସ୍ତଙ୍କ ପ୍ରୟାସରେ ୱାର୍ଲଡ ରେକର୍ଡ ହେଲା ।